୬ ଦକ୍ଷିଣ ଆଫ୍ରିକା ହାତମୁଠାରେ ଗୌହାଟି ଟେଷ୍ଟ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika ™

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୨୯୭ ● ୨୫ ନଭେମ୍ବର ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-297 ● 25th November 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ମୁଖ୍ୟମନ୍ତ୍ରୀଙ୍କ ୧୫ତମ ପାଳି ଅଭିଯୋଗ ଶୁଣାଣି

# ଲୋକଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ସୁଯୋଗ ପ୍ରଦାନ କରିବା ପାଇଁ ଆମେ ବଦ୍ଧପରିକର

**ଭୁବନେଶ୍ୱର, ୨୪।୧୧**

**ନ୍ୟୁଜ୍ ବ୍ୟୁରୋ**

ସୋମବାର ଥିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୫ତମ ପାଳି। କେନ୍ଦୁଝରରୁ ସିଧାସଳଖ ଆସି ଭୁବନେଶ୍ୱର ୟୁନିଟ-୨ ଠାରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ମଣ୍ଡଳର ୮ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ମାଧ୍ୟମରେ ସାଧାରଣ ଲୋକଟିଏ ତା’ର ସମସ୍ୟା ଓ ଅଭିଯୋଗକୁ ସିଧାସଳଖ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇପାରୁଛି। ସରକାରଙ୍କ ପକ୍ଷରୁ ସମସ୍ତ ଅଭିଯୋଗ ଗୁଡିକୁ ସମାନ ଗୁରୁତ୍ୱ ଦେଇ ତା’ର *(ପୃଷ୍ଠା ୭ରେ)*



# ୫୩ତମ ପ୍ରଧାନ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ

**ନୂଆଦିଲ୍ଲୀ, ୨୪।୧୧**

ସୋମବାର ରାଷ୍ଟ୍ରପତି ଭବନର ଗଣତନ୍ତ୍ର ମଣ୍ଡପରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଭାରତର ୫୩ତମ ମୁଖ୍ୟ ବିଚାରପତି ଭାବରେ ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଜଷ୍ଟିସ ବି.ଆର.ଗଭାଇଙ୍କ ସ୍ଥାନ ନେଇଛନ୍ତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ। ଜଷ୍ଟିସ୍ ବି.ଆର.ଗଭାଇଙ୍କ କାର୍ଯ୍ୟକାଳ ନଭେମ୍ବର ୨୩ ତାରିଖରେ ସମାପ୍ତ ହୋଇଥିଲା। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଫେବୃଆରୀ ୯, ୨୦୨୭ ପର୍ଯ୍ୟନ୍ତ ୧୪ ମାସରୁ ଅଧିକ ସମୟ ପାଇଁ ପ୍ରଧାନ ବିଚାରପତି ଭାବରେ କାର୍ଯ୍ୟ କରିବେ। ଏହି ଅବସରରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ସେଠାରେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଟ୍ୱିଟରରେ ଲେଖିଛନ୍ତି, ‘ଭାରତର ପ୍ରଧାନ ବିଚାରପତି ଭାବରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଥିଲି। ତାଙ୍କର ସଫଳ କାର୍ଯ୍ୟକାଳ ପାଇଁ ମୋର ଶୁଭକାମନା।’



# ଦିନକ ପରେ ବଡ ବାତ୍ୟା ସମ୍ଭାବନା

**ଭୁବନେଶ୍ୱର, ୨୪।୧୧**

**ନ୍ୟୁଜ୍ ବ୍ୟୁରୋ**

ବଙ୍ଗୋପସାଗରରେ ଆସୁଛି ଆଉ ଏକ ବାତ୍ୟା। କେବେ ଓ କେଉଁଠି ସ୍ଥଳ ଭାଗ ଛୁଇଁବ, ସେ ନେଇ କୌଣସି ଠିକ୍ ସୂଚନା ମିଳିପାରିନାହିଁ। ତଥାପି ଉତ୍ତର ଆନ୍ଧ୍ରପ୍ରଦେଶଠାରୁ ମିଆଁମାର ମଧ୍ୟରେ ଏହା ସ୍ଥଳଭାଗ ସ୍ପର୍ଶ କରିବା ଆଶଙ୍କା ସୃଷ୍ଟି ହୋଇଛି। ଭାରତୀୟ ପାଣିପାଗ ବିଭାଗ କହିଛି ଯେ ମାଲାକ୍କା ପ୍ରଣାଳୀ ଏବଂ ସଂଲଗ୍ନ ଦକ୍ଷିଣ ଆଣ୍ଡାମାନସାଗର ଉପରେ ସ୍ପଷ୍ଟ ଭାବେ ଚିହ୍ନିତ ଲଘୁଚାପ ସେହି ଅଞ୍ଚଳରେ ସକ୍ରିୟ ରହିଛି। ଏଥିସହ ଜଡ଼ିତ ଘୂର୍ଣ୍ଣିବଳୟ ମଧ୍ୟ ସମୁଦ୍ର ପତ୍ତନଠାରୁ ୭.୬ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଆଡ଼କୁ ଗତି କରି *(ପୃଷ୍ଠା ୭ରେ)*



## ୨୭ରେ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ: ସୁରକ୍ଷା ବ୍ୟବସ୍ଥାରେ ୨୫ ପ୍ଲାଟୁନ୍ ଫୋର୍ସ ମୁତୟନ

**ଭୁବନେଶ୍ୱର, ୨୪।୧୧**

**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୨୭ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଗାମୀ ଓଡ଼ିଶା ଗସ୍ତ ପାଇଁ କମିଶନରେଟ୍ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥାକୁ ଚୂଡ଼ାନ୍ତ କରାଯାଇଛି। ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ କମିଶନରେଟ୍ ପୁଲିସ ତ୍ରିସ୍ତରୀୟ କଡ଼ା ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିଛି। ରାଷ୍ଟ୍ରପତି ଓଡ଼ିଶା *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ତାମିଲନାଡୁରେ ଦୁଇଟି ବସ୍ ମୁହାଁମୁହିଁ ଧକ୍କା: ୬ ମୃତ, ୫୦ରୁ ଅଧିକ ଆହତ।
- ଦକ୍ଷିଣ ଆଫ୍ରିକା ଗସ୍ତ ସାରି ସ୍ୱଦେଶ ଫେରିଲେ ପିଏମ୍ ମୋଦୀ।
- ଦୁଇଦିନ ପରେ ପୁଣି ଫେରିଲା ଶୀତ: ଜି.ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର।
- ଉତ୍ତରାଖଣ୍ଡର ତେହରି ଜିଲ୍ଲାରେ ଘାଟିରୁ ଖସିପଡିଲା ଯାତ୍ରୀବାହୀ ବସ୍: ୫ମୃତ, ଉଦ୍ଧାର କାର୍ଯ୍ୟ ଜାରି।
- ଉତ୍ତର ଭାରତରେ ଶୀତ ପ୍ରକୋପ ତୀବ୍ର, ଦକ୍ଷିଣରେ ବର୍ଷା ଜାରି।
- ମୁମ୍ବାଇରେ ହେବ ପାତାଳ ଲୋକ, ଲୋକାଲ୍ ଟ୍ରେନ୍ ହେବ ବାତାନୁକୂଳିତ-ସିଏମ୍ ଫଡନାବିସ।
- ଜନ୍ମର ତିନି ଦିନ ପରେ ବିକ୍ରି ହୋଇଥିବା ଶିଶୁ ଉଦ୍ଧାର।

# ଲୋକଙ୍କ ସେବକ ହୋଇ କାମ କରିବାକୁ ରାଜସ୍ୱ ମନ୍ତ୍ରୀଙ୍କ ତାଗିଦ୍

**ଭୁବନେଶ୍ୱର, ୨୪।୧୧ : ନ୍ୟୁଜ୍ ବ୍ୟୁରୋ**

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଲୋକଙ୍କ ସେବକ ହୋଇ କାମ କରିବାକୁ ଅମଲାତନ୍ତ୍ରକୁ ତାଗିଦ କରିଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନ ଅଭିଯୋଗର ଶୁଣାଣି ବେଳେ ମନ୍ତ୍ରୀ ଶ୍ରୀ ପୂଜାରୀ ଏପରି କଡା ତାଗିଦ୍ କରିଛନ୍ତି। ଜିଲ୍ଲାସ୍ତରରେ ସମାଧାନ ହେବା ଭଳି ଅଭିଯୋଗକୁ ନେଇ ମନ୍ତ୍ରୀ ଉଦବେଗ ପ୍ରକାଶ କରିଛନ୍ତି। ରାଜସ୍ୱ ମନ୍ତ୍ରୀ କହିଛନ୍ତି ଦୂରଦୂରାନ୍ତରୁ ଯେଉଁ ଲୋକମାନେ ଆସୁଛନ୍ତି, ସେମାନଙ୍କୁ ବସିବାକୁ ଚୌକି ଦିଅ ଏବଂ ପିଇବାକୁ ପାଣି ଦିଅ। ଧୈର୍ଯ୍ୟ ସହକାରେ ସେମାନଙ୍କ ଅଭିଯୋଗ ଶୁଣ ଏବଂ ନିର୍ଦ୍ଦିଷ୍ଟ ସମୟରେ ସେମାନଙ୍କ କାମ ସାର ବୋଲି ସେ ଅମଲାତନ୍ତ୍ରକୁ ତାଗିଦ୍ କରିଛନ୍ତି।

# ଆଇଏଲ୍ଏସର ନୂଆ ଯକ୍ଷ୍ମା ଟିକା

**ଭୁବନେଶ୍ୱର, ୨୪।୧୧ : ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ଏବଂ ଇନଷ୍ଟିଚ୍ୟୁଟ ଅଫ ଲାଇଫ ସାଇନ୍ସେସ୍ (ଆଇଏଲଏସ), ଭୁବନେଶ୍ୱର, ଜାତୀୟ ଗବେଷଣା ବିକାଶ ନିଗମ (ଏନଆରଡ଼ିସି) ସହିତ, ‘ଏଚଏସପି ସବୟୁନିଟ୍ ଭାକସିନ ଇନ୍ ଆଡଜୁଭାଣ୍ଟ (ଡ଼ିଡ଼ିଏ) ଏଗେନେଷ୍ଟ ମାଇକୋବ୍ୟାକ୍ଟେରିୟମ ଟ୍ୟୁବରକ୍ୟୁଲୋସିସ୍’ ଶୀର୍ଷକ ଏକ ନୂତନ ଯକ୍ଷ୍ମା ଟିକା କ୍ୟାଣ୍ଡିଡେଟର ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର ଏବଂ ଭବିଷ୍ୟତର ବ୍ୟବସାୟୀକରଣ ପାଇଁ ଟେକ୍ଇନଭେନସନ୍ ଲାଇଫକେୟାର ଲିମିଟେଡ୍ ସହିତ ଏକ ଚତୁଃପାକ୍ଷିକ ଲାଇସେନ୍ସ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ରିପୋର୍ଟ କରାଯାଇଥିବା ରିପୋର୍ଟ ଅନୁଯାୟୀ, ଯକ୍ଷ୍ମା (ଟିବି) ବିଶ୍ୱର ସବୁଠାରୁ ମାରାତ୍ମକ ସଂକ୍ରାମକ ରୋଗ ମଧ୍ୟରୁ ଗୋଟିଏ, ଯାହା କେବଳ ୨୦୨୪ ରେ ୧.୨୩ ନିୟୁତ ଲୋକଙ୍କ ଜୀବନ ନେଇଛି। ୨୦୩୦ ସୁଦ୍ଧା ଯକ୍ଷ୍ମା ମହାମାରୀ ସମାପ୍ତ କରିବା ହେଉଛି ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) ଅଧୀନରେ ଏକ ପ୍ରମୁଖ ବିଶ୍ୱ ସ୍ୱାସ୍ଥ୍ୟ ପ୍ରାଥମିକତା। ତଥାପି ବିଶ୍ୱ ଏକ ଶତାବ୍ଦୀ ପୂର୍ବରୁ ବିକଶିତ ବାସିଲସ୍ କାଲମେଟ୍ ଗୁଏରିନ୍ (ବିସିଜି) ଟିକା ଉପରେ ନିର୍ଭର କରିଆସୁଛି, ଯାହା ମୁଖ୍ୟତଃ ଶିଶୁମାନଙ୍କୁ କେବଳ ସୀମିତ ସୁରକ୍ଷା ପ୍ରଦାନ କରେ ଏବଂ କିଶୋର ଏବଂ ବୟସ୍କମାନଙ୍କ ମଧ୍ୟରେ ଫୁସଫୁସ ଯକ୍ଷ୍ମା ରୋକିବାରେ ମୁଖ୍ୟତଃ ପ୍ରଭାବହୀନ। ଏହି ଗୁରୁତ୍ୱପୂର୍ଣ୍ଣ ଅପୂରଣୀୟ ଆବଶ୍ୟକତାକୁ ପୂରଣ କରିବା ପାଇଁ, ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ପ୍ରଫେସର ଆଶିଷ ବିଶ୍ୱାସ ଏବଂ ଭୁବନେଶ୍ୱରର ଇନଷ୍ଟିଚ୍ୟୁଟ ଅଫ ଲାଇଫ ସାଇନସେସ୍ (ଆଇଏଲଏସ)ର ଡକ୍ଟର ସୁନୀଲ କୁମାର ରାଘବଙ୍କ ନେତୃତ୍ୱରେ ମିଳିତ ଗବେଷଣା ମାଧ୍ୟମରେ ଏକ ପରବର୍ତ୍ତୀ ପିଢ଼ିର ଏଚଏସପି ସବୟୁନିଟ୍ ଟିକା ବିକଶିତ କରାଯାଇଛି। ଏହି ଟିକା କ୍ୟାଣ୍ଡିଡେଟ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ସିନେମା ଜଗତ ନୀରବ ଏବେ
ହିମ୍ୟାନ୍ ନାହାନ୍ତି ଆଉ
ପଲପଲ ଦିଲ୍‌କେ ପାସ ରହିଛନ୍ତି
ସେଇମିତି ସ୍ମୃତି ଥାଉ
ଆତ୍ମାଯେ ଶାନ୍ତି ପାଉ
ଧର୍ମେନ୍ଦ୍ରଙ୍କ ଶୂନ୍ୟସ୍ଥାନଟା କିନ୍ତୁ
ପୁରିବନି ଜମା ଆଉ।

# ‘ହି ମ୍ୟାନ’ ଯୁଗର ଅବସାନ : ଭେଟେରାନ ଅଭିନେତା ଧର୍ମେନ୍ଦ୍ରଙ୍କ ଦେହାନ୍ତ

**ହାଇଦ୍ରାବାଦ, ୨୪।୧୧**

ବଲିଉଡ ଇଣ୍ଡଷ୍ଟ୍ରିରୁ ଆସିଲା ଦୁଃଖଦ ଖବର । ଆରପାରିରେ ବଲିଉଡର ଲୋକପ୍ରିୟ ଅଭିନେତା ଧର୍ମେନ୍ଦ୍ର । ଧର୍ମେନ୍ଦ୍ର ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ଫଳରେ ସେ ଦୀର୍ଘ ଦିନ ଧରି ହସ୍ପିଟାଲରେ ଭର୍ତ୍ତି ମଧ୍ୟ ହୋଇଥିଲେ । ସୋମବାର ଚିକିତ୍ସାଧୀନ ଅବସ୍ଥାରେ ସେ ଆଖି ବୁଜିଛନ୍ତି । ମୃତ୍ୟୁବେଳକୁ ତାଙ୍କୁ ୮୯ ବର୍ଷ ହୋଇଥିଲା । ତାଙ୍କ ବିୟୋଗରେ *(ପୃଷ୍ଠା ୭ରେ)*

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

**ନୂଆଦିଲ୍ଲୀ, ୨୪।୧୧**

ହିନ୍ଦି ସିନେମାର ବିଶିଷ୍ଟ ଅଭିନେତା ଧର୍ମେନ୍ଦ୍ରଙ୍କ ଦେହାନ୍ତରେ ସମ୍ପୂର୍ଣ୍ଣ ଦେଶରେ ଶୋକର ଲହରୀ ଦେଖିବାକୁ ମିଳିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ ଏବଂ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ସହିତ ଦେଶର *(ପୃଷ୍ଠା ୭ରେ)*


# ରାଜଧାନୀର ପ୍ରମୁଖ ରାସ୍ତାରେ ପାର୍କିଂ ମନା



**ଭୁବନେଶ୍ୱର, ୨୪।୧୧ : ନ୍ୟୁଜ୍ ବ୍ୟୁରୋ**

ଟ୍ରାଫିକ୍ ସମସ୍ୟା ଏବଂ ଦୁର୍ଘଟଣାକୁ ରୋକିବା ପାଇଁ କମିଶନରେଟ୍ ପୋଲିସ୍ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବାକୁ ଯାଉଛି। ଅର୍ବାନ ପୋଲିସ୍ ଆଇନ୍ ଅନୁସାରେ ଏଣିକି ରାଜଧାନୀର ପ୍ରମୁଖ ରାସ୍ତାରେ ଗାଡି ପାର୍କିଂକୁ ବାରଣ କରାଯାଇଛି। ଏଥିପାଇଁ ରାଜଧାନୀର ସମସ୍ତ ପ୍ରମୁଖ ରାସ୍ତା ଗୁଡିକୁ ଚିହ୍ନଟ କରାଯିବା ସହିତ ସେସବୁ ରାସ୍ତାରେ ଗାଡି ପାର୍କିଂକୁ ସଂପୂର୍ଣ୍ଣ ଭାବେ ବନ୍ଦ କରିବା ଲାଗି ଏହି ଅଭିଯାନ ଆରମ୍ଭ ହେବାକୁ ଯାଉଛି।

ରାଜମହଲରୁ ଜୟଦେବ ବିହାର ଦେଇ କଳାରାହାଙ୍ଗ, ଏୟାରପୋର୍ଟରୁ ଆଚାର୍ଯ୍ୟ ବିହାର ଛକ ଦେଇ ନାଲ୍‌କୋ ଛକ, ଶିଶୁଭବନ ଛକରୁ ରାଜମହଲ, ମାଷ୍ଟରକ୍ୟାଣ୍ଟିନରୁ ବାଣୀବିହାର, ରସୁଲଗଡ଼ ରୁ ଜୟଦେବ ବିହାର, ଶ୍ରୀୟାରୁ ପିଏଚଡି ଛକ, ଗୋପବନ୍ଧୁଛକ ଠାରୁ କଳ୍ପନା, କଳାରାହାଙ୍ଗା ଛକ *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ନଭେମ୍ବର ୨୦୨୫ ମଙ୍ଗଳବାର





# ବିଇଏମ୍‌ସିର ଦୃଷ୍ଟି ଆଢୁଆଳରେ ଶତାୟୁ ସାଧନା ପାଠାଗାର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସହରରେ ଥିବା ବିଭିନ୍ନ ପୌର ପାଠାଗାର ବା ପଠନାଗାରକୁ ବିଇଏମ୍‌ସି ପରିଚାଳନା କରୁଛି । ଆବଶ୍ୟକତା ଦୃଷ୍ଟିରୁ ଅନେକର ପୁନରୁଦ୍ଧାର ଓ ଉନ୍ନତିକରଣ କରି ଇ-ଲାଇବ୍ରେରୀରେ ମଧ୍ୟ ରୂପାନ୍ତରଣ କରାଯାଇଛି । ଫଳରେ ପାଠାଗାରକୁ ଯାଇ ପଢ଼ିବା ପ୍ରତି ସହରରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଆଗ୍ରହ ବେଶ୍ ବୃଦ୍ଧି ପାଇପାରିଛି । ତେବେ ଏଭଳି ପରିସ୍ଥିତିରେ ବ୍ରହ୍ମପୁର ମହାନଗର ନିଗମର ନଜର ଆଢୁଆଳରେ ରହିଯାଇଛି ସହରର ବହୁ ପୁରାତନ ତଥା ଶତାୟୁ ସାଧନା ପାଠାଗାର । ହିଲ୍‌ପାଟଣା ସ୍ଥିତ ନେହେରୁ ପାର୍କ ସମ୍ମୁଖରେ ଥିବା ଏହି ପାଠାଗାରର ପୂର୍ବରୁ ପାର୍କ ମଧ୍ୟରେ ଥିଲା । ପ୍ରଥମେ ଏହା ଏକ ଘରୋଇ ବା ବ୍ୟକ୍ତିଗତ ବ୍ୟବସ୍ଥାରେ ପ୍ରତିଷ୍ଠା ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଏହା ବିଇଏମ୍‌ସି ଅଧୀନକୁ ଆସି ପାର୍କ ସମ୍ମୁଖରେ ସରକାରୀ ଜମିରେ ପ୍ରତିଷ୍ଠା କରାଯାଇଥିଲା । ପାଠାଗାରର ପୁନଃରୁଦ୍ଧାର ଓ ରୂପାନ୍ତରିକରଣ ପାଇଁ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ହାତପାଣ୍ଠିରୁ ମିଳିଥିବା ୧୦ ଲକ୍ଷ ଟଙ୍କା ଆର୍ଥିକ ଅନୁଦାନରେ ନୂତନ କୋଠାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ତେବେ ଉକ୍ତ ଟଙ୍କା ପ୍ରକଳ୍ପ ପାଇଁ ସମୁଦ୍ରକୁ ଶଙ୍ଖେ ହୋଇଥିବାରୁ ନିର୍ମାଣ କାର୍ଯ୍ୟ ଦୀର୍ଘ ୩ ବର୍ଷ ଧରି ଅଧପନ୍ତରିଆ ଭାବେ ପଡ଼ିରହିଛି । ଉକ୍ତ ଜମିରେ କେବଳ ୨୦ରୁ ଉର୍ଦ୍ଧ୍ୱ କଂକ୍ରିଟ୍ ପିଲର ଠିଆ ହୋଇ ରହିଛି । ସମ୍ପୃକ୍ତ ଅଞ୍ଚଳରେ ବହୁ ଶିକ୍ଷାନୁଷ୍ଠାନ ଥିବାରୁ ଏହି ପୁରାତନ ପାଠାଗାର ଉପରେ ବହୁ ଛାତ୍ରଛାତ୍ରୀ ଓ ବରିଷ୍ଠ ନାଗରିକ ନିର୍ଭର କରୁଥିଲେ । ତେବେ ବର୍ତ୍ତମାନ ପରିସ୍ଥିତିରେ ସମସ୍ତେ ଏଥିରୁ ବଞ୍ଚିତ ହୋଇଛନ୍ତି । ପାଠାଗାରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଥିବା ବେଳେ ସ୍ଥାନୀୟ ୩୦ ନମ୍ବର କର୍ପୋରେଟର ମମତା କୁମାରୀ ପାତ୍ର ଏନେଇ ମେୟର ସଂଘମିତ୍ରା ଦଳେଇ ଓ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କୁ ଅନୁରୋଧ କରିଛନ୍ତି । ପାଠାଗାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପୁନଃ କାର୍ଯ୍ୟକ୍ଷମ ହେଲେ ଅଞ୍ଚଳବାସୀ ବେଶ୍ ଉପକୃତ ହୋଇପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।





# କେନ୍ଦୁଝରରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**କେନ୍ଦୁଝର, ନ୍ୟୁଜ୍**

ମୁଖ୍ୟମନ୍ତ୍ରୀ କେନ୍ଦୁଝର ଗସ୍ତରେ ଆସିଥିବା ବେଳେ କେନ୍ଦୁଝର ଜିଲ୍ଲାବାସୀଙ୍କ ପକ୍ଷରୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଜିଲ୍ଲାର ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧି ଦଳୀୟ ନେତା କାର୍ଯ୍ୟକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସ୍ୱାଗତ ତଥା ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀରମୋହନ ନାଏକ, କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, ତଥା ଅନ୍ୟ ନେତୃତ୍ୱମାନେ ମଞ୍ଚରେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା ପୂର୍ବତନ ନଗର ମଣ୍ଡଳ ସଭାପତି ବିଶ୍ୱଜିତ ତ୍ରିପାଠୀ କରିଥିବାବେଳେ ବିଜେପି ପ୍ରବକ୍ତା ବିରଜା ମିଶ୍ର ମଞ୍ଚ ପରିଚାଳନା କରିଥିଲେ ।

## ସନ୍ଦେହରେ ପୂର୍ବତନ ପ୍ରେମିକାକୁ ଆକ୍ରମଣ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସନ୍ଦେହରେ ପୂର୍ବତନ ପ୍ରେମିକାକୁ ଆକ୍ରମଣ । ବିଚ୍ ରାସ୍ତାରେ ଆକ୍ରମଣ କଲା ପ୍ରେମିକ । ସାଙ୍ଗରେ ନଯିବାରୁ ପ୍ରେମିକାକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା ପ୍ରେମିକ । ତଣ୍ଟିରେ ପ୍ରେମିକ ଭୁଷିଦେଇଛି ଧାରୁଆ ଅସ୍ତ୍ର । ଗୁରୁତର ଅବସ୍ଥାରେ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି ପ୍ରେମିକା । ଆକ୍ରମଣ ପରେ ଯୁବକ ଫେରାର ହୋଇଯାଇଥିଲେ । ତେବେ ଭୁବନେଶ୍ୱର ଷ୍ଟେସନ୍‌ରୁ ପିଛା କରି ଧରିଛି ଚନ୍ଦ୍ରଶେଖରପୁର ଥାନା ପୋଲିସ । ଗିରଫ ଅଭିଯୁକ୍ତ ହେଲେ ଦାର୍ଜିଲିଂର ଟିଙ୍କୁ ଗୁରୁମ୍ ।

# କାଠ ଫାଳିଆ ମାଡ଼ରେ ଭାଇକୁ ହତ୍ୟା କଲା ପିଉସୀ ପୁଅ ଭାଇ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ରାଇଘର ଅଧୀନରେ ଥିବା ଯୋଡ଼େଙ୍ଗା ପଞ୍ଚାୟତ ନୂଆପାରା ଆଦିବାସୀ ଗ୍ରାମରେ ପିଉସୀ ପୁଅ ଭାଇ ଭାଇର ହତ୍ୟା କରିଥିବା ଅଭିଯୋଗ ରାଇଘର ଥାନାରେ ହୋଇଥିବା ଦେଖିବାକୁ ମିଳିଛି । ପୋଲିସ ସୂତ୍ରରୁ ପ୍ରକାଶ ନୂଆପାରା ଆଦିବାସୀ ଗ୍ରାମର ଶବସିଂ ଗଣ୍ଡ ଖୁଡୁକ ଗ୍ରାମରେ ଥିବା ପିଉସୀ ପୁଅ ରାଜେଶ ଗଣ୍ଡଙ୍କୁ ଧାନ କଟାରେ ସାହାଯ୍ୟ କରିବାକୁ ଡାକିଥିଲେ । ଦିନରେ ଧାନ କାଟି ସନ୍ଧ୍ୟାରେ ସମସ୍ତେ ସାଙ୍ଗ ହୋଇ ଘରକୁ ଫେରିଥିଲେ । ରାତି ପ୍ରାୟ ସାଢେ ଆଠଟା ସମୟରେ ପରିବାର ମଧ୍ୟରେ ପାଟି ତୁଣ୍ଡ ହୋଇଥିଲା । ଏହି ସମୟରେ ଶବସିଂ ନିଜ ମା'କୁ ଗାଳି କରିଥିଲା । ଏହି ସମୟରେ ଉତ୍ତ୍ୟକ୍ତ ହୋଇ ପାଖରେ ଥିବା କାଠ ଫାଳିଆରେ ପିଉସୀ ପୁଅ ରାଜେଶ ଶବସିଂର ମୁଣ୍ଡରେ ଏକ ଶକ୍ତ ପାହାର ଦେଇଥିଲା । ଶବସିଂ ଗୁରୁତର ହେବା ଦେଖି ପରିବାର ଲୋକେ ତୁରନ୍ତ ତାକୁ ହାଟଭରଣ୍ଡି ଗୋଷ୍ଠୀ କେନ୍ଦ୍ରକୁ ନେଇ ଚିକିତ୍ସା ଆରମ୍ଭ କରିଥିଲେ । ଚିକିତ୍ସାଧିନ ଅବସ୍ଥାରେ ଶବସିଂର ମୃତ୍ୟୁ ହୋଇଥିଲା । ଏହାପରେ ପରିବାର ଲୋକେ ରାଇଘର ଥାନାରେ ହତ୍ୟା ଅଭିଯୋଗ ଆଣିବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଡାକି ତଦନ୍ତ କରିବା ସହ ୨୩୫/୨୫ରେ ଏକ କେଶ୍ କରି ଶବ ବ୍ୟବଚ୍ଛେଦ ସାରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ରାଇଘର ଥାନା ଅଧିକାରୀ ରଘୁନାଥ ମାଝୀ ପ୍ରକାଶ କରିଛନ୍ତି ।



## ସୁବର୍ଣ୍ଣ ଲୋକ ମହୋତ୍ସବ ଅୟୋଜନ ପାଇଁ ଅର୍ଥ କମିଟିର ସ୍ୱତନ୍ତ୍ର ବୈଠକ

# ପ୍ରଶାସନ ସହ ଯୋଡ଼ି ହୋଇ କାମ କରିବାକୁ ଜିଲ୍ଲାପାଳଙ୍କ ପରାମର୍ଶ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣ ଲୋକ ମହୋତ୍ସବ ଓ ରାଜ୍ୟ ସ୍ତରୀୟ ପଲ୍ଲୀଶ୍ରୀ ମେଳା -୨୦୨୬ ଆୟୋଜନ ନିମନ୍ତେ ଅର୍ଥ କମିଟିର ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଡ଼. ନୃପରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ) ସୁବର୍ଣ୍ଣପୁର, ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ସୋନପୁର ଉପ-ଜିଲ୍ଲାପାଳ ସୌମ୍ୟାରୂପା ରଥ, ବୀରମହାରାଜପୁର ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେରଙ୍କ ସମେତ ଅର୍ଥ କମିଟିର ସଦସ୍ୟ ସଦସ୍ୟା ଓ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ । ଗତ ବର୍ଷର ଆୟ ଓ ବ୍ୟୟ ବିଷୟରେ ଆଲୋଚନା ହୋଇଥିବା ବେଳେ ଚଳିତ ବର୍ଷ କେମିତି ଅଧିକ ପାଣ୍ଠି ସଂଗ୍ରହ କରାଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା । ଅର୍ଥ ସଂଗ୍ରହ ପଦ୍ଧତି, ଖର୍ଚ୍ଚ ଓ ବଜେଟ୍ ଉପରେ ଜିଲ୍ଲାପାଳ ଆଲୋଚନା କରି ସମସ୍ତଙ୍କ ସୂ-ଚିନ୍ତିତ ମତ ପ୍ରକାଶ ପାଇଁ କହିଥିଲେ । ସବୁଠୁ ମୂଳ ହେଲା ଅର୍ଥ ତେଣୁ ଉତ୍ସବକୁ ସୁନ୍ଦର ଓ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ସହ ସମସ୍ତେ ଯୋଡି ହୋଇ କାମ କରିବାକୁ ଜିଲ୍ଲାପାଳ ଡ. ସାହୁ ପରାମର୍ଶ କରିଥିଲେ । ଏହି ଆଲୋଚନାରେ ଅଂଶଗ୍ରହଣ କରି ଗଦାଧର ବାରିକ, ମନୋରଞ୍ଜନ ତ୍ରିପାଠୀ, ଦିଲୀପ କୁମାର ପାତ୍ର ଓ ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ ସେମାନଙ୍କ ସୂଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଅର୍ଥ କମିଟିର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଧାର୍ଯ୍ୟ କରାଯାଇଥିବା ପାଣ୍ଠି ଆଗାମୀ ୩୧ ଡିସେମ୍ବର ମଧ୍ୟରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର ବ୍ୟାଙ୍କ୍ ଆକାଉଣ୍ଟରେ ଜମା କରିବା ପାଇଁ ସଂପୃକ୍ତ ଅଧିକାରୀ, ସଂସ୍ଥା ଓ ଅନୁଷ୍ଠାନ ମାନଙ୍କୁ ଅନୁରୋଧ କରିଥିଲେ । ଏହି ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ, ସୁବର୍ଣ୍ଣପୁର ସୁଶ୍ରୀ ଯମୁନା ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ନିଜାରତ ଅଧିକାରୀ, ସତ୍ୟବ୍ରତ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ ସହଯୋଗ କରିଥିଲେ ।





# ୫ ଚୋରା ବାଇକ୍ ଜବତ:୪ ଚୋର ଗିରଫ

**ତିର୍ତ୍ତୋଲ, ନ୍ୟୁଜ୍ ବ୍ୟୁରୋ**

ତିର୍ତ୍ତୋଲ ପୋଲିସ ଏକ ବାଇକ୍ ଚୋରି ରାକେଟ୍‌ର ପର୍ଦ୍ଦାଫାସ କରିଛି । ୪ ଜଣ ବାଇକ୍ ଚୋରକୁ ଗିରଫ କରିବା ସେମାନଙ୍କ ଠାରୁ ୪ଟି ବାଇକ୍‌କୁ ଜବତ କରିଛି । ଏହି ବାଇକ୍ ଚୋରି ରାକେଟ୍‌ର ଅଭିଯୁକ୍ତ ମାନେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ଓଳଗଦା ଗ୍ରାମର ସନ୍ତୋଷ ହୋତା (୧୯), ବନ୍ଧ ବାଟି ଗ୍ରାମର ରାଜେଶ୍ ମଲ୍ଲିକ, ଅରିଲୋ ଗ୍ରାମ ଆଶିଷ ମଲ୍ଲିକ, ସଆଁରା ଗ୍ରାମର ସଞ୍ଜୟ ଭୋଳ ଜବତ ହୋଇଥିବା ସ୍କୁଟି, ସ୍ପ୍ଲେଣ୍ଡର ବୋଲି ଜଣାପଡିଛି । ପୋଲିସ ସୂଚନା ମୁତାବକ ଗତ ୧୮ ତାରିଖରେ ତିର୍ତ୍ତୋଲ ଥାନା ତୁଳସିପୁର ଗ୍ରାମର ଅରବିନ୍ଦ ନାୟକ ମଣିଜଙ୍ଗା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବାବେଳେ ତାଙ୍କର ବାଇକ୍ ଚୋରି ହୋଇଯାଇଥିଲା । ସେ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ପୋଲିସ ଅଭିଯୁକ୍ତ ସନ୍ତୋଷ ହୋତା ନ ଘର ଉପରେ ଚଢଉ କରି ସନ୍ତୋଷକୁ ଧରି ଜେରା କରିଥିଲା । ଜେରାବେଳେ ସନ୍ତୋଷ ରାଜେଶ୍‌କୁ ଧରି ମନିଜଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ବାଇକ୍ ଚୋରି କରିଥିବା ସ୍ୱୀକାର କରିଥିଲା । ଚୋରା ବାଇକ୍‌କୁ ନେଇ ସଆଁରା ଠାରେ ବାଇକ୍‌ର ନେମ୍ ପ୍ଲେଟ୍ ଓ ଡିକିକୁ ନଦୀକୁ ଫିଙ୍ଗି ଦେବା ସହ ବାଇକ୍‌କୁ ସଞ୍ଜୟ ଭୋଳକୁ ବିକିଥିଲା । ସଞ୍ଜୟ ଠାରୁ ୨୫୦୦ ଟଙ୍କା ନେଇଥିବା ବେଳେ ଆଉ ୨୫୦୦ ପରେ ପାଇଥାନ୍ତା । ସନ୍ତୋଷ ଅନେକ ଚୋରି ବାଇକ୍ ଅରିଲେ ଗ୍ରାମର ଆଶିଷ ମଲ୍ଲିକଙ୍କ ଘରେ ରଖୁଥିଲା ବୋଲି ସ୍ୱୀକାର କରିଥିଲା । ପରେ ପୋଲିସ ଏ ସମସ୍ତଙ୍କ ଅଭିଯୁକ୍ତ ଘରେ ଚଢ଼ଉ କରିଥିଲା । ପୋଲିସ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ମାମଲା ରୁଜୁ କରି ଅଦାଲତ ଚାଲାଣ କରିଥିବା ଥାନା ସୂତ୍ରରୁ ଜଣାପଡିଛି ।

## ///////////// ଆତଙ୍କବାଦୀ ଓ ବାଂଲାଦେଶୀ ଲିଙ୍କ୍ /////////////

# ଧାମରା ଦେଇ ବାଂଲାଦେଶକୁ ଯିବାକୁ ପ୍ରୟାସ କରୁଥିବାବେଳେ ଅଭିଯୁକ୍ତ ସିକନ୍ଦର ଓ ତା'ର ଭାଇ ଗିରଫ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଗତ ୧୬ ତାରିଖରେ ଜଗତସିଂହପୁର ଥାନା ଅଧିନ ତରୀକୁନ୍ଦ ନିକଟସ୍ଥ ବେହରାମପୁର ଠାରେ ସରକାରୀ ଜମିରେ ବେଆଇନ୍ ଭାବେ ନିର୍ମାଣ ହୋଇଥିବା ଘରେ ବାଂଲାଦେଶୀ ମାନେ ରହୁଥିବାର ସୂଚନା ପୋଲିସ ପାଇଥିଲା । ଏସ୍‌ପି ଅଙ୍କିତ କୁମାର ବର୍ମା ଓ ଜିଲ୍ଲାପାଳ ଜେ. ସୋନାଲ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ବେସରକାରୀ ଜମି ଉପରେ ନିର୍ମିତ ବେଆଇନ୍ ଘରକୁ ବୋଲଡଜର ଲଗାଇ ଭାଙ୍ଗି ଦିଆଯାଇଥିଲା । ତେବେ ବାଂଲାଦେଶୀ ମାନଙ୍କ ସହିତ ସମ୍ପର୍କ ରଖିଥିବା ଓ ସରକାରୀ ଜମିରେ ବେଆଇନ୍ ଘର ନିର୍ମାଣ କରିଥିବା ମୁଖ୍ୟ ଅଭିଯୁକ୍ତ ସିକନ୍ଦର ଆଲାମ ଓ ଅନ୍ୟ କେତେକ ସନ୍ଦିଗ୍ଧ ବାଙ୍ଗାଲାଦେଶୀ ପୋଲିସକୁ ମାଡ଼ମାରି ୧୬ ତାରିଖ ରାତିରେ ଫେରାର୍ ହୋଇଯାଇଥିଲେ । ଆଜକୁ ୭ ଦିନ ଧରି ମୁଖ୍ୟଅଭିଯୁକ୍ତ ଓ ତାର ଭାଇ ଫେରାର୍ ହୋଇଯାଇଥିଲେ । ଗତ ୧୬ ତାରିଖ ଦିନ ପୋଲିସ ଘଟଣା ସ୍ଥଳରୁ ଗୋଟିଏ ବନ୍ଧୁକ ଓ ବହୁ ମାରଣାସ୍ତ୍ର ସିକନ୍ଦର ଆଲାମ୍ ଘରୁ ଜବତ କରିଥିଲା । ଗତ କିଛି ଦିନ ତଳେ ରାଜ୍ୟରେ ଅନୁପ୍ରବେଶକାରୀ ବାଂଲାଦେଶୀମାନେ ଜଗତସିଂହପୁର ଜିଲ୍ଲାର ବେହରାମପୁର ଗ୍ରାମରେ ରହିଆସୁଥିବା ଖବରପାଇ ପୋଲିସର ରାତ୍ରି ଅଧିଆ ଚଢ଼ଉ ପରେ କେତେକ ବାଂଲାଦେଶୀଙ୍କୁ ଗିରଫ କରାଯାଇ ପରବର୍ତ୍ତୀ ମୁହୁର୍ତ୍ତରେ ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ତେବେ ଘଟଣାର ମାଷ୍ଟର ମାଇଣ୍ଡ ଓ ସେମାନଙ୍କୁ ନିଜ ଘରେ ଭଡ଼ା ସୂତ୍ରରେ ଦେଇଥିବା ସିକନ୍ଦର ଆଲାମ୍ ଘଟଣା ଦିନ ଘଟଣାସ୍ଥଳରୁ ପୋଲିସକୁ ଚକ୍‌ମା ଦେଇ ଫେରାର୍ ହୋଇଯାଇଥିଲା । ଏସ୍‌ପିଙ୍କ ନେତୃତ୍ୱରେ ଏକ ସ୍ପେଶାଲ ସ୍କ୍ୱାର୍ଡ ଟିମ୍ ଗଠନ କରାଯାଇଥିଲା । ମୁଖ୍ୟ ଅଭିଯୁକ୍ତ ସିକନ୍ଦର ଆଲାମ୍ (ଓରଫ୍ ସିକୁ) ସାନ ଭାଇ ମୋତିଲାପ୍ (ଓରଫ ଟିକ) ଭଦ୍ରକ ଜିଲ୍ଲାର ଧାମରା ବନ୍ଦର ଦେଇ ବୋଟ୍ ଯୋଗେ ଜଳପଥ ଦେଇ ବାଂଲାଦେଶକୁ ଚାଲିଯିବା ପାଇଁ ଚେଷ୍ଟା ଚଳାଇଥିଲେ । ପୋଲିସ ଉଭୟଙ୍କୁ ଗିରଫ କରିଥିଲା । ଉଭୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ପୋଲିସ ପକ୍ଷରୁ ସୂଚନା ମିଳିଛି । ତୁରନ୍ତ ଧରିବା ନିମନ୍ତେ ଜଗତସିଂହପୁର ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ୩ଟି ସ୍ପେସାଲ୍ ଟିମ୍ ଗଠନ କରି ଜିଲ୍ଲା ତଥା ଜିଲ୍ଲା ବାହାରେ ଖୋଜାଖୋଜି କରିବା ପରେ ତାକୁ ଶନିବାର ଯାଜପୁର ଅଞ୍ଚଳରୁ ସିକନ୍ଦର ଆଲାମଙ୍କୁ ଗିରଫ କରାଯାଇଥିବା ବେଳେ ତା ଭାଇକୁ ଖୋର୍ଦ୍ଧାରୁ ଗିରଫ କରାଯାଇଥିବା ଜଣାପଡ଼ିଛି । ଗିରଫ ସମୟରେ ସିକନ୍ଦର ନିକଟରୁ ଲାପଟପ୍ ପାସପୋର୍ଟ, ଫଟୋ, ଆଧାର କାର୍ଡ ମୋବାଇଲ ଜବତ କରାଯାଇଥିବା ବେଳେ ତାର ବାଂଲାଦେଶୀ ଓ ଆତଙ୍କବାଦୀଙ୍କ ସହ ବିଦେଶରେ ଲିଙ୍କ ଥିବା ପୋଲିସ ସନ୍ଦେହ କରି ଅଧିକ ଖୋଳତାଡ଼ ଆରମ୍ଭ କରିଛି । ୨ ଭାଇଙ୍କୁ ଜଗତସିଂହପୁର ପୋଲିସ ବ୍ୟାରେକ୍‌ରେ ପୋଲିସ ପକ୍ଷରୁ ମାରାଥନ ଜେରା ଚାଲୁରହିଥିବା ଜଣାପଡ଼ିଛି । ତାସହିତ ଯେଉଁମାନଙ୍କର ସମ୍ପର୍କ, କାହିଁକି ଓ କେଉଁ ଉଦ୍ଦେଶ୍ୟରେ ଅନୁପ୍ରବେଶକାରୀ ବାଂଲାଦେଶୀ ମାନଙ୍କୁ ନିଜ ଘରେ ଭଡ଼ା ସୂତ୍ରରେ ଦୀର୍ଘଦିନ ଧରି ରଖିଆସୁଥିଲେ ତାହା ମଧ ତଦନ୍ତ କରାଯାଉଛି । ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଅଞ୍ଚଳରେ ବାଂଲାଦେଶୀ ମାନେ ଦୀର୍ଘଦିନ ଧରି ରହିଆସୁଥିବା ବେଳେ ସେମାନଙ୍କର କୌଣସି ଠୋସ୍ ତାଲିକା ରାଜ୍ୟ ପ୍ରଶାସନ ପାଖରେ ନରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ଜଗତସିଂହପୁର ପୋଲିସ ପକ୍ଷରୁ ଗତ ୧୭ ତାରିଖ ବୋଲଡ଼ୋଜର ଲଗାଇ ଅସ୍ଥାୟୀ ଘର ଗୁଡ଼ିକ ଭଙ୍ଗାଯାଇଥିବା ବେଳେ ଆଉ ରହିଯାଇଥିବା କିଛି ଗୃହକୁ ବାଂଲାଦେଶୀ ନିଜ ହାତରେ ବସବାସ କରୁଥିବା ଗୃହକୁ ଲୋକମାନେ ଶୁକ୍ରବାର ଦିନ ଭାଙ୍ଗି ଦେଇଥିବାର ଜଣାପଡ଼ିଛି । ଘଟଣାର ପରଦିନ ପୋଲିସ କିଛି ମହିଳା ଓ ପୁରୁଷଙ୍କୁ ଉଠାଇ ନେଇ ସ୍ଥାନୀୟ ବାଗଲପୁର ଅଞ୍ଚଳରେ ଥିବା ବାତ୍ୟା ଆଶ୍ରୟସ୍ଥଳରେ ଅଟକ ରଖି ପଚରା ଉଚରା କରିବା ସହ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ତେବେ ମୁଖ୍ୟ ଅଭିଯୁକ୍ତ ସିକନ୍ଦର ଆଲାମଙ୍କ ସହିତ ଭାଇଙ୍କୁ ତଦନ୍ତ ପରିସର ପରେ ସବୁ କିଛି ସ୍ପଷ୍ଟ ହୋଇଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦେଇଛନ୍ତି ।



## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର

| | | |
|---|---|---|
| ୭ / ୮ | ୬ | ଶୁକ୍ର ୫ / ରା୪ |
| ୯ବୃ | ୨୧ / ୧୦ | ଚ୩ |
| ୧୦ କେ / ୧୧ | ଶୁବୁ୧୨ | ୨ / ର ମଙ୍ଗଳ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୫।୧୧।୨୦୨୫, ମାର୍ଗଶିର ଦି୧୦ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୬।୦୧।୧୧ ଚନ୍ଦ୍ରୋଦୟ- ଦିଘ୧୦।୦୭।୦୯**


**ପଞ୍ଚମୀ-** ରାଘ୧୦।୫୭ପର୍ଯ୍ୟନ୍ତ । **ଉତ୍ତରାଷାଢ଼ା ନକ୍ଷତ୍ର-** ରାଘ ୧୧।୫୭ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ରାଘ ୧୦।୧୭ ପରେ ନିମ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୫ ଗତେ ଘ ୬।୪୮ ମଧ୍ୟେ । ଦିଘ ୮।୫୦ ଗତେ ଘ ୧୧।୧୧ ମଧ୍ୟେ । **ପର୍ବୋତ୍ସବ-** କୁରାଳ ପଞ୍ଚମୀ, ସୀତା ବିବାହ ।




**ମେଷ:** କର୍ମକ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରିବେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଆନନ୍ଦ ଦେଖାଦେବ । ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ହେବ । ମନ ଭଲ ରହିବ ।




**ବୃଷ:** ଶରୀର ସୁସ୍ଥ ରହିବ । ପରିଶ୍ରମର ପରିମାଣ ବଢ଼ିବ । ଅଯଥାରେ ଦୂରକୁ ଯାତ୍ରା କରିପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି ।




**ମିଥୁନ:** ବ୍ୟବସାୟରେ ଲାଭବାନ୍ ହେବେ । ହଠାତ୍ କୌଣସି ଖବର ପାଇ ଚିନ୍ତିତ ହୋଇପାରନ୍ତି । ରୋଜଗାର ଭଲ ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା । ବନ୍ଧୁ ଦର୍ଶନ ।



**କର୍କଟ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । କର୍ମକ୍ଷେତ୍ରରେ ଅସନ୍ତୋଷ ଦେଖାଦେଇପାରେ । ଦେହ ଓ ମନ ଭଲ ରହିବ । ଆର୍ଥିକ ସ୍ଥିତି ଭଲ ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।




**ସିଂହ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ସତ କଥା କହି ନିଜର ଲୋକଙ୍କ ପାଖେ ବିରୋଧି ହୋଇପାରନ୍ତି । ଖର୍ଚ୍ଚର ପରିମାଣ ବଢ଼ିବ । ଘରେ କଳହ ଦେଖାଦେଇପାରେ ।



**କନ୍ୟା:** ଯଶ ଖ୍ୟାତି ଲାଭ ହେବ । କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ରୋଜଗାର ମଧ୍ୟମ ଧରଣର ହେବ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ଘରେ ଆନନ୍ଦ ଦେଖାଦେବ । ଭ୍ରମଣ ଯୋଗ ।



**ତୁଳା:** ଦୂର ସ୍ଥାନକୁ ଯାତ୍ରା କରିବେ । ଗୁରୁଜନଙ୍କ ପରାମର୍ଶ କ୍ରମେ କାର୍ଯ୍ୟ କଲେ ଉତ୍ତମ ଫଳ ଲାଭ ହେବ । ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।




**ବିଛା:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ବନ୍ଧୁଙ୍କ ସାହାଯ୍ୟ ସହଯୋଗ ପ୍ରାପ୍ତ କରିବେ । ମନ ଭଲ ରହିବ । ଉତ୍ତମ ଭୋଜନ କରିପାରନ୍ତି । ରୋଜଗାର ସ୍ଥିର ରହିବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।



**ଧନୁ:** ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ଆୟ ଅପେକ୍ଷା ବ୍ୟୟର ମାତ୍ରା ବଢ଼ିବ । ପାରିବାରିକ ଚିନ୍ତା ମନକୁ ଭାରାକ୍ରାନ୍ତ କରିବ । ମହିଳାମାନେ ଗର୍ବୀ ହେବେ । ମନ ଅସ୍ଥିର ରହିବ ।



**ମକର:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଚାକିରୀ କ୍ଷେତ୍ରରେ ସଫଳତା ହାସଲ କରିବେ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଗୃହେ ଆନନ୍ଦ ଦେଖାଦେବ ।



**କୁମ୍ଭ:** ଶତ୍ରୁ ନାଶ ହେବେ । ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଦେବ ଦର୍ଶନ ସହ ସେବାପୂଜା ମଧ୍ୟ କରିପାରନ୍ତି ।



**ମୀନ:** ମନ ପ୍ରସନ୍ନ ରହିବ । ନୂତନ କର୍ମ ଆରମ୍ଭ ହୋଇପାରେ । ରୋଜଗାର ଭଲ ହେବ । ମହିଳାମାନେ ସୁଖୀ ହେବେ । ପରିବାରରେ ସୁଖ ଶାନ୍ତି ରହିବ । ବନ୍ଧୁଙ୍କ ସହ ଆମୋଦ ପ୍ରମୋଦରେ ଦିନଟି ବିତିପାରେ ।

# ଜୟପାଟଣାରେ ଜିଏସ୍‌ଟି ଚଢ଼ଉ

**ମୁଖୀଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଏସଟି ବିଭାଗ ପକ୍ଷରୁ ରବିବାର ଜୟପାଟଣାର ଶ୍ରଦ୍ଧା ଟ୍ରେଡ଼ରରେ ଚଢ଼ଉ କରାଯାଇଛି । ଏହି ଟ୍ରେଡ଼ସରେ ରାଜ୍ୟ ବାହାରୁ ଜିଏସଟି ଫାଙ୍କି ଘର ତିଆରି ସାମଗ୍ରୀ ରଖିଥିବା କୌଣସି ସୂତ୍ରରୁ ଖବର ପାଇ ଚଢ଼ଉ କରାଯାଇଥିଲା । ବାହାର ରାଜ୍ୟରୁ ବିନା ଜିଏସ୍‌ଟିରେ ଗୋଟିଏ ଟ୍ରକ୍‌ରେ ୧୦୬୦ଟି ପ୍ଲାଏ ଉଡ ଆଣିଥିବା ବେଳେ ଜିଏସ୍‌ଟି ବିଭାଗ ଚଢ଼ଉ କରି ୧ ଲକ୍ଷ ୪୪ ହଜାର ଟଙ୍କା ଫାଇନ୍ ଲଗାଇଛି । ଏହି ପ୍ଲାଏ ତାମିଲନାଡୁରୁ ଆସିଥିବା ଜଣାପଡିଛି । ଅନ୍ୟପକ୍ଷରେ ଜୟପାଟଣା ଅଞ୍ଚଳରେ ଏଭଳି ବିନା ଜିଏସ୍‌ଟି ଓ ବିନା କାଗଜପତ୍ର ଥିବା ସିମେଣ୍ଟ, ଲୁହା ଛଡ଼ ଭଳି ଘର ତିଆରି ସାମଗ୍ରୀ ବିକ୍ରି ହେଉଥିବା ମଧ୍ୟ ଅଭିଯୋଗ ହେଉଛି ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୬।୧୧।୨୦୨୫, ମାର୍ଗଶିର ଦି୧୧ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୬।୦୧।୪୮ ଚନ୍ଦ୍ରୋଦୟ- ଦିଘ୧୦।୪୯।୨୨**

**ଷଷ୍ଠୀ-** ରାଘ୧୨।୦୨ପର୍ଯ୍ୟନ୍ତ । **ଶ୍ରବଣା ନକ୍ଷତ୍ର-** ରାଘ ୧।୩୨ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ ରାଘ ୧୨।୦୨ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୬ ଗତେ ଘ ୮।୧୭ ମଧ୍ୟେ । ଦିଘ ୧।୨୩ ଗତେ ଘ ୩।୩୪ ମଧ୍ୟେ । **ପର୍ବୋତ୍ସବ-** ଓଢ଼ଣ ଷଷ୍ଠୀ, ପ୍ରାବରଣ ଷଷ୍ଠୀ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭାରତୀୟ ରପ୍ତାନିକାରୀଙ୍କ ଶେୟାରରେ ବୃଦ୍ଧି

ତାଇୱାନକୁ ନେଇ ଚୀନ ଏବଂ ଜାପାନ ମଧ୍ୟରେ ତିକ୍ତତା ବଢ଼ିଛି । ଜାପାନରୁ ଆସୁଥିବା ସମସ୍ତ ସାମୁଦ୍ରିକ ଖାଦ୍ୟ ଉପରେ ଚୀନ କଟକଣା ଲଗାଇଛି । ଏଥିଯୋଁଗୁ ଭାରତୀୟ ସାମୁଦ୍ରିକ ଖାଦ୍ୟ ସାମଗ୍ରୀର ଚାହିଦା ବଢ଼ିଛି । ଭାରତୀୟ ରପ୍ତାନିକାରୀଙ୍କ ଶେୟାରରେ ବୃଦ୍ଧି ପରିଲକ୍ଷିତ ହୋଇଛି । ଏଭଳି ନିଷ୍ପତ୍ତି ଯୋଗୁଁ ଚୀନ ବଜାରରେ ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ଅଭାବ ଦେଖାଯିବ ବୋଲି ଆଶଙ୍କା କରାଯାଉଛି । ଏହି ଚାହିଦା ପୂରଣ କରିବା ଲାଗି ଭାରତ ଭଳି ସାମୁଦ୍ରିକ ଖାଦ୍ୟ ରପ୍ତାନିକାରୀ ଦେଶ ଗୁଡ଼ିକ ବର୍ତ୍ତମାନ ତତ୍ପରତା ଦେଖାଇଛନ୍ତି । ଫଳରେ ଭାରତୀୟ ସିଫୁଡ୍ କମ୍ପାନିରେ ଶେୟାର ମୂଲ୍ୟରେ ବୃଦ୍ଧି ପରିଲକ୍ଷିତ ହୋଇଛି । ତେଲଙ୍ଗାନାର ଅବନ୍ତି ଫିଡ୍ସର ଶେୟାର ପ୍ରାୟ ୧୦% ବୃଦ୍ଧି ପରିଲକ୍ଷିତ ହୋଇଛି । ଗତ ୨ ମାସ ମଧ୍ୟରେ ଏହା ସବୁଠାରୁ ବଡ ବୃଦ୍ଧି । ଅନ୍ୟ ଏକ କମ୍ପାନି କୋଷ୍ଟାଲ କର୍ପୋରେସନର ଶେୟାର ୫% ବୃଦ୍ଧି ହୋଇଛି । କମ୍ପାନି ଏପ୍ରିଲ ମାସରେ କହିଥିଲା ଯେ, ଏହା ଚୀନକୁ ରପ୍ତାନି ବଢ଼ାଇବ । ଜାପାନ ପ୍ରଧାନମନ୍ତ୍ରୀ ସାନେ ତାକାଇଚିଙ୍କ ଏକ ବୟାନକୁ ନେଇ ଚୀନ ଏବଂ ଜାପାନ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି । ତାକାଇଚି କହିଥିଲେ, ଚୀନ ତାଇୱାନ ଉପରେ ଆକ୍ରମଣ କଲେ ଜାପାନ ସହାୟତା ଲାଗି ସେନା ପଠାଇବ । ଚୀନ ଏହା ଉପରେ ପ୍ରତିକ୍ରିୟା ରଖି କହିଥିଲା ଯେ, ଏହା ଦାୟିତ୍ୱହୀନତା ଏବଂ ଉଷୁକେଇବା ଭଳି କାମ । ଏହାର ଗୋଟିଏ ଦିନ ପରେ ବିବାଦ ଆହୁରି ବଢ଼ି ଯାଇଥିଲା । ଏହି ମାମଲାରେ ଦଖଲ ଦେଉଥିବା ବ୍ୟକ୍ତି ବିଶେଷଙ୍କ ମୁଣ୍ଡ କାଟ କରିବାକୁ ଜାପାନରେ ଅବସ୍ଥାପିତ ଚୀନ ବାଣିଜ୍ୟଦୂତ ସୁଏ ଜିଆନ ଏକ୍ସରେ ଲେଖିଥିଲେ । ଏହା ପରେ ଉଭୟ ଦେଶ ନିଜ ଦେଶର ରାଷ୍ଟ୍ରଦୂତଙ୍କୁ ସମନ ଜାରି କରିଥିଲେ । ଜାପାନ ଗଲେ ସମସ୍ୟା ସାମ୍ନା କରିବାକୁ ପଡିପାରେ ବୋଲି ଚୀନ ଏହାର ନାଗରିକଙ୍କୁ ସତର୍କ କରାଇଥିଲା । ଏଭଳି ସ୍ଥିତିରେ ଏଭଳି ବିବାଦ ଭାରତ ବଜାର ଲାଗି ସୁଯୋଗ ଆଣିପାରେ ବୋଲି କୁହାଯାଉଛି । ଆମେରିକା ଭାରତର ସାମୁଦ୍ରିକ ଖାଦ୍ୟ ରପ୍ତାନି ଉପରେ ୫୦% ଟାରିଫ ଲାଗୁ କରିଛି । ଫଳରେ ଆମେରିକା ବଜାରକୁ ରପ୍ତାନି ଅକ୍ଟୋବର ମାସରେ ୯% ହ୍ରାସ ହୋଇଛି । ଏକ ରିପୋର୍ଟ ମୁତାବକ, ଚୀନ, ଭିଏତନାମ ଏବଂ ଥାଇଲାଣ୍ଡ ଭଳି ଦେଶକୁ ଭାରତର ସିଫୁଡ ରପ୍ତାନି ବଢୁଛି । ଗତ ଆର୍ଥିକ ବର୍ଷରେ ଭାରତ ୬୧ ହଜାର କୋଟି ଟଙ୍କାର ସିଫୁଡ ରପ୍ତାନି କରିଥିଲା । ଏଥିମଧ୍ୟରେ ଅଧିକାଂଶ ଭାଗ ଚିଙ୍ଗୁଡି ଏବଂ ଫ୍ରୋଜେନ ଫିସ୍ ରହିଥିଲା । ଭାରତୀୟ ସିଫୁଡ ଲାଗି ଆମେରିକା ଏବେ ମଧ୍ୟ ପ୍ରମୁଖ ବଜାର ରହିଛି । ୱାଲମାର୍ଟ ଏବଂ ଫ୍ରୋଗର ଭଳି କମ୍ପାନି ଭାରତୀୟ ସାମଗ୍ରୀ ବଡ ମାତ୍ରାରେ କିଣିଥାନ୍ତି । ଜାପାନ ଲାଗି ଚୀନ ବଜାର ବନ୍ଦ ଏକ ବଡ ଝଟକା । ଜାପାନ ଏହାର ମୋଟ ସିଫୁଡ ମଧ୍ୟରେ ୧୫ରୁ ୨୦% ଚୀନକୁ ପଠାଇଥାଏ । ୨ ବର୍ଷ ବ୍ୟବଧାନ ପରେ ଜାପାନ ନିକଟରେ ଚୀନକୁ ରପ୍ତାନି ପୁଣି ଥରେ ଆରମ୍ଭ କରିଥିଲା । ୨୦୨୩ରେ ଚୀନ ଜାପାନର ସିଫୁଡକୁ ବ୍ୟାନ କରିଥିଲା ।

# ଆମ ସମ୍ବିଧାନ: ଏକ ପ୍ରଗତିଶୀଳ ଦସ୍ତାବିଜ୍



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଆମ ସମ୍ବିଧାନ ଆମ ଗୌରବ। ଆମ ସମ୍ବିଧାନ ବିଶ୍ୱର ଶ୍ରେଷ୍ଠ ସମ୍ବିଧାନମାନଙ୍କ ମଧ୍ୟରୁ ଅନ୍ୟତମ। ଦେଶର ଶାସନ ବ୍ୟବସ୍ଥାକୁ ମାର୍ଗଦର୍ଶନ ପାଇଁ ଏହା ଏକ ନିୟମ ସମ୍ବଳିତ ଗ୍ରନ୍ଥ। ଏହାକୁ ନେଇ ଆମେ ଭାରତୀୟ ଗର୍ବ ଅନୁଭବ କରୁ। ଯାହାକୁ ତିଆରି କରିବା ପାଇଁ ପାଖାପାଖି ତିନି ବର୍ଷ ସମୟ ଲାଗିଛି। ଭାରତବର୍ଷକୁ ସ୍ୱାଧୀନ କରାଯିବାର ନିଷ୍ପତ୍ତି ପରେ କ୍ୟାବିନେଟ ମିଶନ ପ୍ଲାନ ଅନୁଯାୟୀ ସମ୍ବିଧାନ ପ୍ରଣୟନ ସଭା ଗଠିତ ହୋଇଥିଲା। ଏହା ଡିସେମ୍ବର ୬, ୧୯୪୬ ରେ ଗଠିତ ହୋଇଥିଲା। ଏହି ସଭାକୁ ଦେଶର ବଛାବଛା ତିନିଶହ ଜ୍ଞାନୀ ରାଷ୍ଟ୍ରନୀତିଜ୍ଞ ନିର୍ବାଚିତ ହୋଇ ଆସିଥିଲେ। ଏମାନେ ବହୁ ଆଲୋଚନା, ପର୍ଯ୍ୟାଲୋଚନା ଓ ବିତର୍କ କଳାପରେ ଆମ ସମ୍ବିଧାନକୁ ଚୂଡାନ୍ତ ରୂପ ଦେଇଛନ୍ତି। ଦେଶର ବହୁ ପ୍ରଜ୍ଞାଶୀଳ ବ୍ୟକ୍ତି ଓ ରାଜନୈତିକ ବିଶେଷଜ୍ଞମାନେ ମଧ୍ୟ ପରାମର୍ଶ ଦେଇ ପରୋକ୍ଷ ଭାବେ ସମ୍ବିଧାନ ରଚନାରେ ସହାୟକ ହୋଇଛନ୍ତି। ସମ୍ବିଧାନ ପ୍ରଣୟନ ସଭାର ତିନିଶହ ସଦସ୍ୟଙ୍କ ମଧ୍ୟରୁ ୭ ଜଣକୁ ନେଇ ଡ୍ରାଫ୍ଟିଂ କମିଟି ଗଠନ କରାଯାଇ ଥିଲା। ଏହି କମିଟିର ଚେୟାରମ୍ୟାନ୍ ଥିଲେ ଡକ୍ଟର ବି. ଆର. ଆମ୍ବେଦକର। ସେ ସମୟରେ ସେ ଥିଲେ ବିଶ୍ୱର ଅଗ୍ରଣୀ ଶିକ୍ଷିତମାନଙ୍କ ମଧ୍ୟରୁ ଜଣେ। ସେ ଉଚ୍ଚଶିକ୍ଷା ବିଦେଶରୁ ପ୍ରାପ୍ତ ହୋଇଥିଲେ ଓ ବହୁ ଶିକ୍ଷା ଉପାଧିର ଅଧିକାରୀ ମଧ୍ୟ ଥିଲେ। ଏମାନଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ୨୬ ନଭେମ୍ବର, ୧୯୪୯ ମସିହାରେ ସମ୍ବିଧାନର ରଚନା ସମାପ୍ତ ହୋଇ ସର୍ବସମ୍ମତି କ୍ରମେ ପ୍ରଣୟନ ସଭା ଦ୍ୱାରା ଅନୁମୋଦିତ ହେଲା।

କେତେକଙ୍କ ଅଭିଯୋଗ ଯେ ଆମ ସମ୍ବିଧାନ ଏଆଡୁ ସେଆଡୁ ଲେଖା ଯାଇଥିବା ଶାସନ ନିର୍ଦ୍ଦେଶନା ଗ୍ରନ୍ଥ। ଏହା ଠିକଭାବେ ଲେଖାଯାଇ ନାହିଁ। ଯେଉଁମାନେ ଏପରି କହୁଛନ୍ତି ସେମାନେ ହୁଏତ ଏହାର ପ୍ରଣୟନ ପ୍ରକ୍ରିୟା ବିଷୟରେ ଅବଗତ ନୁହଁନ୍ତି ଅଥବା ନିଜ ସଂକୀର୍ଣ୍ଣ ଜ୍ଞାନର ବଶବର୍ତ୍ତୀ ହୋଇ ଏପରି ମନ୍ତବ୍ୟ ଦେଉଛନ୍ତି। ଏପରି କହିବା ଦ୍ୱାରା ଏମାନେ ନିଜର ରାଷ୍ଟ୍ରୀୟତା ଭାବନା ଉପରେ ନିଜେ ପ୍ରଶ୍ନ ଉଠାଉଛନ୍ତି। ଏମାନେ ବୋଧହୁଏ ଜାଣି ନାହାଁନ୍ତି ଯେ ସମ୍ବିଧାନର ପ୍ରତ୍ୟେକ ଧାରା ଓ ଉପଧାରା ଉପରେ ଦୀର୍ଘ ଆଲୋଚନା ହୋଇଛି। ସଂଯୋଗ ଓ ସଂଶୋଧନ ପ୍ରସ୍ତାବ ମଧ୍ୟ ଆସିଛି। ଆବଶ୍ୟକ ସ୍ଥଳେ ସଂଯୋଗ ଓ ସଂଶୋଧନ ମଧ୍ୟ ହୋଇଛି। ଏକ ଲମ୍ବା ବୌଦ୍ଧିକ ପ୍ରକ୍ରିୟା ମଧ୍ୟରେ ଆମ ସମ୍ବିଧାନର ବର୍ତ୍ତମାନ ସ୍ୱରୂପ ପ୍ରସ୍ତୁତ ହୋଇଛି। ତେଣୁ ସମ୍ବିଧାନର ଉତ୍କୃଷ୍ଟତା ସମ୍ବନ୍ଧରେ ପ୍ରଶ୍ନ ଉଠାଇବା ଅର୍ଥ ନିଜ ପୂର୍ବପୁରୁଷମାନଙ୍କ ଦକ୍ଷତାକୁ ଅସମ୍ମାନିତ କରିବା। ସେମାନଙ୍କ ଅବଦାନକୁ ପରିହାସ କରିବା। ଯେଉଁମାନେ ସମ୍ବିଧାନ ରଚନା ଦାୟିତ୍ୱରେ ଥିଲେ ସେମାନେ ଏକ ସମ୍ଭାବ୍ୟ ଶ୍ରେଷ୍ଠ ସମ୍ବିଧାନ ଆମକୁ ଦେଇଛନ୍ତି ଏଥିରେ କୌଣସି ସନ୍ଦେହ ନାହିଁ।

ନିନ୍ଦୁକମାନେ କହନ୍ତି, ଆମ ସମ୍ବିଧାନ ଏକ ନକଲ ସମ୍ବିଧାନ। ବିଭିନ୍ନ ଦେଶର ସମ୍ବିଧାନରୁ କିଛିକିଛି ନେଇ ଏହାକୁ ସଂକଳିତ କରାଯାଇଛି। ଏହା ଏକ ଭିତ୍ତିହୀନ ଅଭିଯୋଗ। ଯେଉଁମାନେ ବିଶ୍ୱମାନବ ସମାଜର ଅଗ୍ରଗତିକୁ ଠିକଭାବେ ଅନୁଧ୍ୟାନ କରିନାହାଁନ୍ତି ସେମାନେ ଏପରି କହିବା ସ୍ୱାଭାବିକ। ଭାରତୀୟ ସମାଜ ବିଶ୍ୱମାନବ ସମାଜଠାରୁ ଭିନ୍ନ ନୁହେଁ। ମାନନୀୟ ମୂଲ୍ୟବୋଧ, ନୈତିକତା, ମାନବିକତା, ନ୍ୟାୟ ପ୍ରଭୃତି ଗୁଣର ବିଭିନ୍ନତା ନାହିଁ। ସମସ୍ତ ଦେଶରେ ଏଗୁଡ଼ିକ ସମାନଭାବେ ପରିଭାଷିତ। ତେଣୁ ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ରର ସମ୍ବିଧାନରେ ଏହି ମହାନ ବିଷୟଗୁଡ଼ିକ ପ୍ରତିଫଳିତ ହେବା ସ୍ୱାଭାବିକ। ଇଉରୋପରେ ସାମାଜିକ ବିକାଶ ପାଇଁ ଦୀର୍ଘ ସଂଗ୍ରାମର ଇତିହାସ ରହିଛି। ଏହାର ପ୍ରତିଫଳନ ଭାରତୀୟ ସମ୍ବିଧାନରେ ଦେଖିବାକୁ ମିଳେ। ରେନାଁସା ଜରିଆରେ ପାଶ୍ଚାତ୍ୟ ସମାଜ କିପରି ପରିବର୍ତ୍ତିତ ହୋଇ ମଧ୍ୟଯୁଗୀୟ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ପଛରେ ଛାଡି ଆଧୁନିକତା ଆଡକୁ ଅଗ୍ରସର ହୋଇଛି ଏବଂ ଏକ ଉନ୍ନତ ସମାଜ ବ୍ୟବସ୍ଥାକୁ ଆପଣେଇ ନେଇଛି ସେ ବିଷୟରେ ସମ୍ବିଧାନ ପ୍ରଣେତାମାନେ ଅନୁଧ୍ୟାନ କରିଛନ୍ତି। ରେନାଁସାର ପ୍ରତିଫଳନ ଆମ ସମ୍ବିଧାନରେ ରହିଛି।

ଇଉରୋପର ଦୀର୍ଘ ଆନ୍ଦୋଳନ ପରେ ଫରାସୀ ବିପ୍ଳବ କାଳରେ ଉନ୍ନତ ସମାଜ ପ୍ରତିଷ୍ଠାର ଯେଉଁ ତିନୋଟି ରତ୍ନ ଶାବ୍ଦିକ ରୂପରେ ଉଦଭାସିତ ହୋଇଥିଲା ତାହାର ପ୍ରତିଫଳନ ବିଶ୍ୱର ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ରର ସମ୍ବିଧାନରେ ଦେଖିବାକୁ ମିଳେ। ସେଗୁଡିକ ହେଉଛି ସ୍ୱତନ୍ତ୍ରତା, ସମାନତା ଓ ଭାତୃତ୍ୱଭାବ। ତେଣୁ ଭାରତୀୟ ସମ୍ବିଧାନ ମଧ୍ୟ ଏହି ତିନୋଟି ବିଷୟକୁ ନିଜ ସମ୍ବିଧାନର ମୂଳମନ୍ତ୍ରଭାବେ ଗ୍ରହଣ କରିଛି। କେବଳ ଭାରତ ନୁହେଁ ପରେ ଯେତେବି ଗଣତାନ୍ତ୍ରିକ ସମ୍ବିଧାନ ଆସିଛି ସେମାନେ ଏହି ତତ୍ତ୍ୱକୁ ମୂଳଦୂଆଭାବେ ଗ୍ରହଣ କରିଛନ୍ତି ଏବଂ ଯେବେବି କୌଣସି ଗଣତାନ୍ତ୍ରିକ ସମ୍ବିଧାନ ଆସିବ ସେମାନେ ଏଗୁଡ଼ିକୁ ମାନିବାକୁ ବାଧ୍ୟ। ଏଗୁଡ଼ିକ ଏକ ସଭ୍ୟ ଓ ପ୍ରଗତିଶୀଳ ସମାଜର ମୂଳଦୂଆ। ତେଣୁ ଅନ୍ୟ କାହାରି ସମ୍ବିଧାନରୁ ଏଗୁଡ଼ିକର ନକଲ ବୋଲି କହିବା ଯୁକ୍ତିହୀନତା। ଏହା ବ୍ୟତୀତ ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରସାର ଓ ଗଣତାନ୍ତ୍ରିକ ବ୍ୟବସ୍ଥାର ଦୃଢୀକରଣ ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରର ମୂଳ ଆଧାର। ଏଗୁଡ଼ିକ ମଧ୍ୟ ଆମ ସମ୍ବିଧାନରେ ପ୍ରତିଫଳିତ। ତେଣୁ ଆମ ସମ୍ବିଧାନ କାହାରି ନକଲ ନୁହେଁ।

ସମ୍ବିଧାନ ରଚନା କାଳରେ ଦଳେ ରକ୍ଷଣଶୀଳଙ୍କ ଯୁକ୍ତି ଥିଲା ଯେ ନୂଆ ସମ୍ବିଧାନର କୌଣସି ଆବଶ୍ୟକତା ନାହିଁ। ବହୁ କାଳରୁ ଦେଶରେ ମନୁସ୍ମୃତି ସମ୍ବିଧାନ ରୂପରେ କର୍ଯ୍ୟକାରୀ ହୋଇଆସିଛି। ଏହାକୁ ହିଁ ସ୍ୱାଧୀନ ଭାରତର ସମ୍ବିଧାନ ରୂପେ ଗ୍ରହଣ କରାଯିବା ଉଚିତ୍। ସେ ସମୟରେ ଏମାନଙ୍କୁ ବ୍ୟାପକ ସମର୍ଥନ ମିଳିନଥିଲା। ଏବେ ପୁଣି ଏମାନେ ସକ୍ରିୟ ହୋଇ ଯାଇଛନ୍ତି। ତାଙ୍କୁ ରାଜନୈତିକ ସଂରକ୍ଷଣ ମଧ୍ୟ ମିଳୁଛି। ବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ ଶୁଣିବାକୁ ମିଳୁଛି ଯେ ମନୁସ୍ମୃତି ଆଧାରରେ ଏକ ନୂଆ ସମ୍ବିଧାନ ତିଆରି ସରିଛି। ଏହାର ନକଲ ମଧ୍ୟ ସାମାଜିକ ଗଣମାଧ୍ୟମରେ ପ୍ରଦର୍ଶିତ ହେଉଛି। ବେଳେବେଳେ କେତେକ ଦଳୀୟ ପଦାଧିକାରୀମାନେ ମଧ୍ୟ ସମ୍ବିଧାନ ବଦଳାଇବା ପ୍ରସଙ୍ଗରେ ମନ୍ତବ୍ୟ ଦେବାର ଶୁଣାଯାଏ। ଅବଶ୍ୟ ଏ ବିଷୟରେ କୌଣସି ସିଦ୍ଧାନ୍ତଗତ ସୂଚନା ପ୍ରକାଶ ପାଇନାହିଁ। ଅନେକଙ୍କ ଧାରଣା ଯେ ହଠାତ ଏହା ଉପରେ ସଂସଦରେ ବିଲ୍ ଆଗତ ହୋଇପାରେ। ଅନ୍ୟ ବିଲ୍ ପରି ସ୍ୱଳ୍ପ ଆଲୋଚନାରେ ପାରିତ ହୋଇ ଯାଇପାରେ। ରାଷ୍ଟ୍ରବ୍ୟାପୀ ବିତର୍କ ଆରମ୍ଭ ହେବା ପୂର୍ବରୁ ସମସ୍ତ କାର୍ଯ୍ୟ ସମାପ୍ତ ହୋଇଯିବାର ସମ୍ଭାବନା ରହିଛି। ତେବେ ଆଉ କେତେକଙ୍କ ମତ ଯେ ଏପରି ସମ୍ଭାବନା କମ୍। କାରଣ ଏଥିପାଇଁ ଲମ୍ବା ପ୍ରକ୍ରିୟା ରହିଛି। ଭାରତୀୟ ସମ୍ବିଧାନ ଦେଶକୁ ଆଗେଇ ନେବାର ଏକ ପ୍ରଗତିଶୀଳ ନିୟାମକ ଗ୍ରନ୍ଥ। ପ୍ରଗତି ପଥରେ କୌଣସି ପ୍ରତିବନ୍ଧକ ଦେଖାଦେଲେ ତାକୁ ହଟାଇବାର ବ୍ୟବସ୍ଥା ମଧ୍ୟ ଏଥିରେ ରହିଛି। ସମ୍ବିଧାନର ଯେକୌଣସି ଧାରା ଓ ଉପଧାରାକୁ ସଂଶୋଧନ କରିବାର ବ୍ୟବସ୍ଥା ମଧ୍ୟ ରହିଛି। ଯେଉଁମାନେ ନୂଆ ସମ୍ବିଧାନ ଆଣିବା ସପକ୍ଷରେ ମତ ରଖୁଛନ୍ତି, ସେମାନେ ଏହାଠାରୁ ଅଧିକ ପ୍ରଗତିଶୀଳ ସମ୍ବିଧାନ ଆଣିବା କଥା କହନ୍ତି ନାହିଁ, ସେମାନେ ମଧ୍ୟଯୁଗୀୟ ସମାଜିକ ନୀତିନିୟମ ଉପରେ ପର୍ଯ୍ୟବେଶିତ ଏକ ରକ୍ଷଣଶୀଳ ଓ ଅପ୍ରଗତିଶୀଳ ସାମ୍ବିଧାନିକୁ ଆଣିବାକୁ ଚାହାଁନ୍ତି। ପ୍ରଚଳିତ ସମ୍ବିଧାନର ସମାନତା, ବ୍ୟକ୍ତିସ୍ୱାତନ୍ତ୍ରତା, ଭାତୃତ୍ୱଭାବ, ନ୍ୟାୟ ପ୍ରଭୃତି ବିଷୟ ଏମାନଙ୍କ ପାଇଁ ପୀଡ଼ାଦାୟକ। ସାମାଜିକ ସମାନତାକୁ ଏମାନେ ଗ୍ରହଣ କରିପାରୁ ନାହାଁନ୍ତି। ଯେଉଁମାନେ ହଜାର ବର୍ଷଧରି ସମାଜରେ ଘୃଣିତ ଓ ଅସ୍ପୃଶ୍ୟ ହୋଇ ରହିଥିଲେ ସେମାନେ ସମସ୍ତଙ୍କ ସହିତ ସମାନ ହୋଇଯିବେ ଏହା ଗ୍ରହଣୀୟ ହେଉନାହିଁ। ଏମାନଙ୍କ ମତରେ ଭାଇଚାରା ଏକ ଫମ୍ପା ଆୱାଜ। ଶୁଦ୍ର, ନାରୀ, ସଂଖ୍ୟାଲଘୁ ତଥା ଗରୀବମାନେ ତ ତାଡନାର ଯୋଗ୍ୟ। ଏମାନଙ୍କୁ ଦମନ କରିବା ସାମାଜିକ ନିୟମ। ତେଣୁ ମମତା ଭାବର କଥା କୁଆଡୁ ଆସୁଛି। ଧର୍ମ ଓ ଜାତି ଆଧାରରେ ଯାହା ସିଦ୍ଧାନ୍ତ ନିଆଯାଏ ତାହାହିଁ ଚୂଡାନ୍ତ। ତେଣୁ ବ୍ୟକ୍ତି କଣ ପିନ୍ଧିବ, କଣ ଖାଇବ, କେଉଁ ପରମ୍ପରାକୁ ମାନିବ, କେଉଁ ବିଶ୍ୱାସର ବଶବର୍ତ୍ତୀ ହେବ ତାହା ଧର୍ମର ଓ ଜାତିର ବଡ଼ପଣ୍ଡାମାନେ ନିର୍ଣ୍ଣୟ କରିବେ। ବର୍ତ୍ତମାନର ସମ୍ବିଧାନ ଏପରି କରିବାକୁ ସୁଯୋଗ ଦେଉନଥିବା ଯୋଗୁଁ ଏହା ଅନୁପଯୋଗୀ ବୋଲି ଏମାନଙ୍କ ମତ। ସଂସ୍କୃତି ଓ ପରମ୍ପରାର ଭୁଲବ୍ୟାଖ୍ୟା କରି ଏହାକୁ ସାଂସ୍କୃତିକ ଆନ୍ଦୋଳନର ନାମଦେଇ, ଆମ ସଂସ୍କୃତି ଓ ପରମ୍ପରା ଆଧାରରେ ସମ୍ବିଧାନ ରଚନା ହୋଇନାହିଁ ବୋଲି କହିବା ପଛରେ କୌଣସି ଯଥାର୍ଥତା ନାହିଁ। ଅନେକ ଜାତି, ଅନେକ ଧର୍ମବିଶ୍ୱାସ, ଅନେକ ସମ୍ପ୍ରଦାୟ, ଅନେକ ଅଞ୍ଚଳ ଓ ଅନେକ ବିବିଧତାକୁ ନେଇ ଏ ଯେଉଁ ସମ୍ବିଧାନ ରଚନା ହୋଇଛି ତାହାହିଁ ଶ୍ରେଷ୍ଠ ସମ୍ଭାବନା। ଏହାକୁ ନେଇଁ ସମସ୍ତ ଭାରତବାସୀ ଗର୍ବ ଅନୁଭବ କରିବା ଉଚିତ୍। ସମ୍ବିଧାନର ଯଥାର୍ଥ କାର୍ଯ୍ୟକାରିତା ଉପରେ ସମସ୍ତେ ଧ୍ୟାନ ଦେବା ଉଚିତ୍। ଏହାହିଁ ଦେଶକୁ ପ୍ରଗତି ପଥରେ ଆଗେଇ ନେବ। ଏ ସମ୍ବିଧାନ ଆମର ଓ ଏ ସମ୍ବିଧାନ ସମସ୍ତଙ୍କ ପାଇଁ ଗୌରବର ବିଷୟ, ଏହି ଅବଧାରଣା ଆମ ସମସ୍ତଙ୍କ ମଧ୍ୟରେ ଜାତ ହେବା ଉଚିତ୍।

# ନଦୀ ଜୀବନ ଜୀବିକାର ଉତ୍ପତ୍ତି ସ୍ଥଳ



ରାଜସ୍ମିତା ବାରିକ୍
ନୀଳଗିରି, ବାଲେଶ୍ୱର

ବିଶ୍ୱ ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ନଦୀ ହେଉଛି ସମସ୍ତ ସଭ୍ୟତାର ଉତ୍ପତ୍ତି ସ୍ଥଳ। ନଦୀ ହେଉଛି ମାତୃ ସଦୃଶ। ମା ଭଳି ସନ୍ତାନ ମାନଙ୍କର ଲାଳନ ପାଳନ କରେ। ନଦୀ କୂଳରେ ବିଭିନ୍ନ ସଭ୍ୟତା ଗଢି ଉଠିଥିଲା। ତେବେ ନଦୀ କୂଳରେ ସଭ୍ୟତା ବସାଇବାର କାରଣ ହେଉଛି ଉନ୍ନତ ଜୀବନ ଧାରଣର ମାନ ବୃଦ୍ଧି କରିବା। ଯେତେବେଳେ ମନୁଷ୍ୟ ଯାଯାବର ଜୀବନ ଜାପାନ କରୁଥିଲା ଗୋଟିଏ ସ୍ଥାନରେ ଫଳ ମୂଳ ସରିଗଲେ ଅନ୍ୟତ୍ର ଯାଉଥିଲା। ଧିରେ ଧିରେ ମନୁଷ୍ୟ ସ୍ଥାୟୀ ବସବାସ କରିବା ଶିଖିଲା। ନଦୀ କୂଳ ମାନଙ୍କରେ ସ୍ଥାୟୀ ବସବାସ ଆରମ୍ଭ କଲା । ନଦୀ କୂଳ ରେ ସ୍ଥାୟୀ ବସବାସ କରିବାର କାରଣ ଭଲ କୃଷି କରିପାରିଲା, ଚାରଣ ଭୂମି ଥିଲା ଯାହା ଗୋପାଳନରେ ସୁବିଧା ହେଲା ଏବଂ ମତ୍ସ୍ୟ ଉତ୍ପାଦନ ମଧ୍ୟ କରିପାରିଲା । ମନୁଷ୍ୟକୁ ଆଉ ଯାଯାବର ଭଳି ସ୍ଥାନ ପରିବର୍ତ୍ତନ କରିବା ପାଇଁ ପଡିଲା ନାହିଁ। ଗୋଟିଏ ସ୍ଥାନରେ ସବୁ ପ୍ରକାର ସୁବିଧା ପାଇପାରିଲା। ଧିରେ ଧିରେ ନଦୀ କୂଳ ମାନଙ୍କରେ ବିଭିନ୍ନ ସଭ୍ୟତା ଗଢି ଉଠିଲା। ଇତିହାସ ଦେଖିଲେ ଜଣାଯାଏ ଯେ ସିନ୍ଧୁ ସଭ୍ୟତା ସମୟରେ ହରପ୍ପା, ମହେଞ୍ଜୋଦାର ହେଉ ଅବା ଗଙ୍ଗା, ବ୍ରହ୍ମପୁତ୍ର, ଗୋଦାବରୀ ନଦୀ ତଟରେ ବିଭିନ୍ନ ସମୟରେ ହୋଇଥିବା ସଭ୍ୟତାର ବିକାଶ ହେଉଛି ଏହାର ପରିଚୟ । ଟାଇଗ୍ରିସ ନଦୀ କୂଳରେ ମେସୋପଟାମିଆଁ ସଭ୍ୟତା, ନୀଳ ନଦୀ କୂଳରେ ଇଜିପ୍ଟ ସଭ୍ୟତା ପରି ଅନେକ କିଛି ଉଦାହରଣ ଆମେ ପାଇବା ।

ରାଜ୍ୟରେ ମହାନଦୀ, ବୈତରଣୀ, ସୁବର୍ଣ୍ଣରେଖା, ବ୍ରାହ୍ମଣୀ, ଋଷିକୁଲ୍ୟା ପରି ଅନେକ ବଡ ବଡ ନଦୀ ରହିଥିବା ବେଳେ ଏହାର ଜଳ ଓ ନଦୀକୂଳ ଅଞ୍ଚଳକୁ ସଠିକ ଭାବେ ବିନିଯୋଗ କରାଯାଇପାରିଲେ ଅନେକ ରୋଜଗାର ସୃଷ୍ଟି ହୋଇପାରିବ। ଯଦି ନଦୀ ଗୁଡ଼ିକରେ ବ୍ୟାରେଜ ନିର୍ମାଣ କରାଯାଇପାରନ୍ତା, ପ୍ରତିବର୍ଷ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସାମ୍ନା କରୁଥିବା ଓଡ଼ିଶା ଏହାକୁ ରୋକି ପାରନ୍ତା। କେବଳ ସେତିକି ନୁହଁ ମରୁଭୂମି ଅଞ୍ଚଳକୁ ଜଳସେଚନ, ମତ୍ସ୍ୟ ଉତ୍ପାଦନ, ଉଦ୍ୟାନ କୃଷି, ବର୍ଜ୍ୟବସ୍ତୁ ପରିଚାଳନା, ଜଳ ବିଦ୍ୟୁତ ଉତ୍ପାଦନ, ପାନୀୟ ଜଳ କାରଖାନା ପରି ଅନେକ ବହୁମୁଖୀ କାର୍ଯ୍ୟ ହେବା ସହ ୱାଟର ୱେ ଓ ପର୍ଯ୍ୟଟନ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରାଯାଇପାରିବ । ସେହିପରି ସୁଦୀର୍ଘ ନଦୀ କୂଳ ଓ ସମୁଦ୍ର କୂଳରେ ସୋଲାର ସେଲ ବ୍ୟବହାର କରି ବିଦ୍ୟୁତ ଉତ୍ପାଦନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ରାଜ୍ୟର ପ୍ରତିଟି ଘରକୁ ୨୪ ଘଣ୍ଟା ବିଜୁଳି ଯୋଗାଣ କରିବା ସହ ଦେଶର 'ଶକ୍ତି ଉତ୍ପାଦନକାରୀ' ରାଜ୍ୟ ଭାବେ ଓଡିଶା ପରିଚିତ ହୋଇପାରିବ ।

ଯେଉଁ ନଦୀ ଜଳ ଆମର ଏତେ ଉପକାର କରୁଛି । ଆମେ ତାକୁ ଦୂଷିତ କରିବାରେ ଲାଗି ପଡ଼ିଛୁ। ନଦୀରେ ସବୁ ଆବର୍ଜନାକୁ ପକାଉଛୁ, ଶବ ଏବଂ ମୂର୍ତ୍ତି ଭସାଉଛୁ, କଳକାରଖାନାର ଦୂଷିତ ପାଣିକୁ ନଦୀକୁ ଛାଡୁଛୁ । କଳକାରଖାନାର ବିଷାକ୍ତ ପାଣି ନଦୀରେ ମିଶିବା ଦ୍ୱାରା ନଦୀ ଜଳ ବିଷାକ୍ତ ହୋଇଯାଉଛି । ନଦୀରେ ଥିବା ଜଳଜୀବ ମାନେ ପ୍ରାଣ ହରାଉଛନ୍ତି। ମା'ର ଭୂମିକା ନେଇ ଗୋଟିଏ ପରେ ଗୋଟିଏ ସଭ୍ୟତାକୁ ସୃଷ୍ଟି କରି ଚାଲିଥିବା ନଦୀକୁ ଆମେ ସୁରକ୍ଷା କରିବା ଆବଶ୍ୟକ। ଭୂପୃଷ୍ଠରେ ମନୁଷ୍ୟ ବ୍ୟବହାର ଉପଯୋଗୀ ଜଳ କମି କମି ଚାଲିଛି। ବର୍ଷା ଜଳ ଭୂପୃଷ୍ଠକୁ ପ୍ରବେଶ କରିପାରୁନାହିଁ କାରଣ ଆମେ ବ୍ୟବହାର କରୁଥିବା ପ୍ଲାଷ୍ଟିକ ଜିନିଷକୁ ବ୍ୟବହାର ପରେ ଫୋପାଡ଼ି ଦେଉଛୁ ସେଗୁଡିକ ମାଟିରେ ସେମିତି ପଡ଼ିରହିଥାଏ । ହଜାର ହଜାର ବର୍ଷ ପରେ ବି ନଷ୍ଟ ହୋଇନଥାଏ। ଏମିତି କେତେ ଯେ ପ୍ଲାଷ୍ଟିକ ବ୍ୟାଗ୍ ସବୁ ମାଟିରେ ପଡେ ସେହି ଠାରେ ବର୍ଷା ଜଳ ଭୂପୃଷ୍ଠ କୁ ପ୍ରବେଶ କରିପାରେ ନାହିଁ। ପ୍ଲାଷ୍ଟିକ ବ୍ୟାଗ୍ ବ୍ୟବହାର ପରେ ଫୋପାଡ଼ି ଦେବାଦ୍ୱାରା ଗୋରୁ ଗାଈମାନେ ଖାଇ ଦିଅନ୍ତି ଏହା ଦ୍ୱାରା କେତେ ଗୋରୁ ଗାଈମାନେ ମୃତ୍ୟୁ ମୁଖରେ ପଡୁଛନ୍ତି। ଆମେ ପ୍ଲାଷ୍ଟିକର ବ୍ୟବହାର କମେଇବା ଆବଶ୍ୟକ। ଦୋକାନରୁ ଜିନିଷ ଆଣିବା ସମୟରେ ଝୋଟ ବ୍ୟାଗ, କାଗଜ ବ୍ୟାଗ୍ ନେଇ ଯିବା ଆବଶ୍ୟକ। ଯଦି ଆମେ ପ୍ଲାଷ୍ଟିକକୁ ବ୍ୟବହାର କଲେ ତାହାକୁ ଏଣେତେଣେ ନା ଫୋପାଡ଼ି ଗୋଟିଏ ସ୍ଥାନରେ ରଖି ପୁନଃ ଚକ୍ରଣ କରିବା ଆବଶ୍ୟକ। ବର୍ତ୍ତମାନ ସରକାର ଏହା ଉପରେ ବହୁତ ଗୁରୁତ୍ୱ ଦେଉଛନ୍ତି। ବିଭିନ୍ନ ସଚେତନତା କାର୍ଯକ୍ରମ କରୁଛନ୍ତି। ସମୟ ଆସିଛି ସଚେତନ ହେବା। ଗୋଟେ ସଭ୍ୟତାକୁ ପରିବର୍ତ୍ତନ ପାଇଁ ପ୍ରଥମେ ନିଜ ର ପରିବର୍ତ୍ତନ ଆବଶ୍ୟକ। ମଧୁର ଜଳର ସୁରକ୍ଷା କରିବା, 'ଟିକେ ଟିକେ ବିନ୍ଦୁରେ ସିନ୍ଧୁ ସୃଷ୍ଟି' ହୋଇଥାଏ। ଆମେ ବ୍ୟବହାର କରିସାରିବା ପରେ ପାଇପିକୁ ଖୋଲା ରଖିବା ନାହିଁ, ଭଲ ସେ ବନ୍ଦ୍ କରିବା। ଆମର ଛୋଟ ଛୋଟ ପ୍ରୟାସ ହିଁ ମଧୁର ଜଳର ସୁରକ୍ଷା କରିପାରିବ। ଆମକୁ ସଚେତନ ହେବାକୁ ହେବ ଆଗାମୀ ଭବିଷ୍ୟତର ପିଢ଼ି ମାନଙ୍କ ପାଇଁ , ଜଳର ଯଦି ଉଚିତ୍ ସଦୁପଯୋଗ ନ କରିବା ଭବିଷ୍ୟତରେ ଜଳର ଅଭାବର ଭୟାବହତା ଦେଖିବା। କୁହାଯାଏ–

'ପୃଥିବ୍ୟାଂ ତ୍ରିରତ୍ନାଣି ଜଳଂଅନ୍ନସୁଭାଷିତାନି' ପୃଥିବୀରେ ତିନୋଟି ରତ୍ନ ହେଉଛନ୍ତି ଜଳ, ଖାଦ୍ୟ ଏବଂ ମଧୁର ବଚନ। ଜଳ ରୂପକ ରତ୍ନ ଯେଉଁଥିରୁ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ସୃଷ୍ଟି। ସମଗ୍ର ଧରାପୃଷ୍ଠ ପାଇଁ ଏହି ରତ୍ନର ସୁରକ୍ଷା ଏକାନ୍ତ ଆବଶ୍ୟକ।

# ମଧୁମେହ ଏବଂ କଲ୍ୟାଣ

ଡି ଦେବହରି ରେଡ଼ି
ସ୍ୱାସ୍ଥ୍ୟ ପରାମର୍ଶ ଦାତା।
ଉପଖଣ୍ଡ ଚିକିତ୍ସାଳୟ ଛତ୍ରପୁର
୯୪୩୭୨୫୩୩୩୨

ମଧୁମେହ ଏକ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା । ଗାଁଠୁ ଆରମ୍ଭ କରି ବଡ଼ ବଡ଼ ସହରରେ ଅନେକ ବ୍ୟକ୍ତି ଏହି ସ୍ୱାସ୍ଥ୍ୟ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଏହି ମଧୁମେହ ଫଳରେ ଜୀବନ ଯିବା ସହ ଜୀବନ ସାରା ଯନ୍ତ୍ରଣା ଭୋଗିବାକୁ ପଡେ । ମଧୁମେହ ଦ୍ୱାରା ଦୃଷ୍ଟିଶକ୍ତି ହାନି (ମଧୁମେହ ଜନିତ ରେଟିନୋପାଥି), ବୃକକ ଧିରେ ଧିରେ କ୍ଷତିଗ୍ରସ୍ତ ହୋଇ କାର୍ଯ୍ୟଦକ୍ଷତା କମିଯାଏ। ସ୍ନାୟୁରୋଗ, ହୃଦରୋଗ ଭଳି ଦୀର୍ଘସ୍ଥାୟୀ ରୋଗ ସହ ଯକ୍ଷ୍ମା ଭଳି ମାରାତ୍ମକ ରୋଗ ମଧ୍ୟ ହେବା ସମ୍ଭାବନା ଅଛି। ଏହା ସହ ଶରୀରରେ ଯେକୌଣସି ସଂକ୍ରମଣ ଅଧିକ ଦିନ ଧରି ଭଲ ନହେଇ ଯନ୍ତ୍ରଣା ଦାୟକ ହୁଏ। ଯଦିଓ ଏହା ଏକ ଜୀବନ ଶୈଳୀ ପରିବର୍ତ୍ତନ ଜନିତ ସ୍ୱାସ୍ଥ୍ୟ ସମସ୍ୟା, କିନ୍ତୁ ସାଂପ୍ରତିକ ପରିସ୍ଥିତିରେ ଅଧିକାଂଶ ଲୋକ ଏହି ସୁବିଧାବାଦୀ ସ୍ୱାସ୍ଥ୍ୟ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇ.ସି.ଏମ.ଆର୍ )୨୦୨୩ ସର୍ବେକ୍ଷଣ ଅନୁସାରେ ଭାରତର ପାଖାପାଖି ଦଶ କୋଟିରୁ ଉର୍ଦ୍ଧ୍ୱ ଲୋକ ଅର୍ଥାତ ୧୧.୪ ପ୍ରତିଶତ ଲୋକ ମଧୁମେହରେ ଆକ୍ରାନ୍ତ ହେବା ବେଳେ ୧୩.୬ ଲକ୍ଷ ଯୁବକଯୁବତୀ ମଧୁମେହର ପୂର୍ବାବସ୍ଥା ବା ଦ୍ୱାରଦେଶରେ ଅଛନ୍ତି। ସେହି ପରି ଓଡ଼ିଶାରେ ୬.୮ପ୍ରତିଶତ ଲୋକଙ୍କ ପାଖରେ ମଧୁମେହ ଭଳି ସ୍ୱାସ୍ଥ୍ୟ ସମସ୍ୟା ରହିଛି। ମଧୁମେହ କେବଳ ଦୀର୍ଘସ୍ଥାୟୀ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ, ଏହା ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ମଧ୍ୟ ବୃହତ୍ ବାଧା ସୃଷ୍ଟି କରିଥାଏ।

ମଧୁମେହ ବିଷୟରେ ସଚେତନତା ସୃଷ୍ଟି କରିବା ସହ ଏହି ରୋଗର ନିୟନ୍ତ୍ରଣ, ପ୍ରତିରୋଧ ଓ ଚିକିତ୍ସା ଉପରେ ଗୁରୁତ୍ୱ ଦେବା ଲକ୍ଷ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଅନ୍ତଃରାଷ୍ଟ୍ରୀୟ ମଧୁମେହ ମହାସଂଘ (ଆଇଡିଏଫ୍) ଦ୍ୱାରା ୧୯୯୧ ମସିହାରୁ ପ୍ରତ୍ୟେକ ବର୍ଷ ନଭେମ୍ବର ୧୪ କୁ ବିଶ୍ୱ ମଧୁମେହ ଦିବସ ରୂପେ ପାଳନ କରାଯାଏ । ୨୦୨୫ ବର୍ଷ ପାଇଁ ବିଶ୍ୱ ମଧୁମେହ ଦିବସ ବିଷୟବସ୍ତୁ ରହିଛି 'ମଧୁମେହ ଓ କଲ୍ୟାଣ'। ବିଷୟବସ୍ତୁ ଅନୁସାରେ 'ମଧୁମେହ ଓ କଲ୍ୟାଣ'ର ଅର୍ଥ ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ ଓ ସାମାଜିକ ସ୍ୱାସ୍ଥ୍ୟର କଲ୍ୟାଣ ଓ ସୁସ୍ଥ ଅବସ୍ଥା ମାନେ କେବଳ ଯେ ସ୍ୱାସ୍ଥ୍ୟର ଭଲ ଅବସ୍ଥାକୁ ବୁଝେନା ବରଂ ସ୍ୱାସ୍ଥ୍ୟ ସହ ମାନସିକ ଓ ସାମାଜିକ ସୁସ୍ଥ ଅବସ୍ଥାକୁ ବୁଝାଏ। ଅର୍ଥାତ୍ ମଧୁମେହ ନିୟନ୍ତ୍ରଣରେ ମାନସିକ ଓ ସାମାଜିକ ସ୍ୱାସ୍ଥ୍ୟ ମଧ୍ୟ ସଠିକ୍ ରହିବାର ଗୁରୁତ୍ୱ ରହିଛି । ଏହି ବର୍ଷ ମଧୁମେହ ଏବଂ କଲ୍ୟାଣ ବିଷୟବସ୍ତୁରେ କାର୍ଯ୍ୟକ୍ଷେତ୍ରରେ ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ ଓ ସାମାଜିକ ଜୀବନଶୈଳୀରେ ସଚେତନତା ଓ ମଧୁମେହ ବ୍ୟକ୍ତି କାର୍ଯ୍ୟକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ପକ୍ଷପାତିତା, ଅପବାଦକୁ କିଭଳି ଦୂର କରିହେବ ତାହା କେନ୍ଦ୍ରିତ କରାଯାଇଛି।

ମଧୁମେହ ବିଷୟରେ ଅଧିକ ଜାଣିବା ହିଁ ମଧୁମେହ ନିୟନ୍ତ୍ରଣ ଓ ପ୍ରତିକାର ପାଇଁ ଉପଯୁକ୍ତ ପଦକ୍ଷେପ ହେବ । ସାଧାରଣତଃ ମଧୁମେହ ତିନି ପ୍ରକାର ଦେଖାଯାଏ ଯାହାକି ସ୍ୱାସ୍ଥ୍ୟ ବିଜ୍ଞାନରେ ମଧୁମେହ ଟାଇପ୍ ୧ , ମଧୁମେହ ଟାଇପ୍ ୨ ଓ ଗର୍ଭାବଧୀ ମଧୁମେହ । ମଧୁମେହ ଟାଇପ୍ ୧ ଏକ ପ୍ରକାର ସ୍ୱ-ପ୍ରତିରକ୍ଷିତ ସ୍ୱାସ୍ଥ୍ୟ ସମସ୍ୟା ଯାହାକି ଅଗ୍ନେଶୟରେ ଇନସ୍ୟୁଲିନ୍ ନାମକ ଜୀବରସ କ୍ଷରଣ କରୁଥିବା କୋଷକୁ ଶରୀର ସ୍ୱଂୟ ଭାବେ ଆକ୍ରମଣ ଓ ନଷ୍ଟ କରିଦିଏ ଫଳସ୍ୱରୂପ କମ୍ ମାତ୍ରା କିମ୍ବା ଜମାରୁ ଇନସ୍ୟୁଲିନ୍ କ୍ଷରଣ ହୁଏ ନାହିଁ। ଏହି ଭଳି ସ୍ୱାସ୍ଥ୍ୟ ସମସ୍ୟା କ୍ଷେତ୍ରରେ କେବଳ ବାହାରୁ ଇନସ୍ୟୁଲିନ୍ ଚିକିତ୍ସା କରାଯାଏ। ତେଣୁ ଏହାକୁ ଇନସ୍ୟୁଲିନ୍ ନିର୍ଭରଶୀଳ ମଧୁମେହ ମଧ୍ୟ କୁହାଯାଏ। ଅନ୍ୟ ଏକ ପ୍ରକାର ମଧୁମେହ ଯାହାକି ମଧୁମେହ ପ୍ରକାର ୨ ବୋଲି କୁହାଯାଏ। ଏହି କ୍ଷେତ୍ରରେ ଶରୀରରେ ଇନସ୍ୟୁଲିନ୍ କ୍ଷରଣ ହୁଏ କିନ୍ତୁ ଅଳ୍ପ ପରିମାଣ ରେ ହୁଏ କିମ୍ବା ଇନସ୍ୟୁଲିନ୍ କୁ ଶରୀର ବ୍ୟବହାର କରିପାରେ ନାହିଁ ଫଳରେ ରକ୍ତରେ ଶର୍କରା ପରିମାଣ ବୃଦ୍ଧି ପାଏ। ଗର୍ଭାବଧୀ ମଧୁମେହ ଯାହାକି ଗର୍ଭାବସ୍ଥାରେ ମହିଳାଙ୍କ କ୍ଷେତ୍ରରେ ଦେଖାଯାଏ। ଫଳରେ ଉଭୟ ଗର୍ଭବତୀ ମାଆ ଓ ଶିଶୁ ପ୍ରତି ବିପଦ ରହିଥାଏ। ଏହି ସମସ୍ତ ପ୍ରକାର ମଧୁମେହରେ ଅତ୍ୟଧିକ ଭୋକ, ଅତ୍ୟଧିକ ପରିସ୍ରା, ଅତ୍ୟଧିକ ଶୋଷ, ଆଖି ଝାପସା ଦେଖାଯିବା, ଦୁର୍ବଳ ଅନୁଭବ, ପାଦ ଜଳାପୋଡା, ଝିମିଝିମି ହେବା, ବାରମ୍ବାର ପରିସ୍ରାଦ୍ୱାର ସଂକ୍ରମଣ ହେବା, ଘା ଜଲଦି ନଶୁଖିବା ଭଳି ଲକ୍ଷଣ ପ୍ରକାଶ ପାଇଥାଏ ଏବଂ କିଛି କ୍ଷେତ୍ରରେ କୌଣସି ଲକ୍ଷଣ ମଧ୍ୟ ପ୍ରକାଶ ପାଇନଥାଏ। ତେଣୁ ସମସ୍ତେ ତିରିଶି ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ପ୍ରତି ବର୍ଷ ରକ୍ତ ଶର୍କରା ପରୀକ୍ଷା କରିବା ଉଚିତ୍। ମୁଖ୍ୟତଃ ଖାଲି ପେଟ ଓ ଖାଇବା ଦୁଇ ଘଣ୍ଟା ପରେ ରକ୍ତ ଶର୍କରା ପରୀକ୍ଷା କଲେ ମଧୁମେହର ଅବସ୍ଥା ଜାଣିହୁଏ। ଯଦି ଖାଲି ପେଟ ରେ ରକ୍ତ ଶର୍କରା ପରିମାଣ ୭୦-୧୧୦ ମିଲିଗ୍ରାମ୍/ଡେସି ଲିଟର ଓ ଖାଇବା ଦୁଇ ଘଣ୍ଟା ପରେ ୭୦-୧୫୦ମିଲିଗ୍ରାମ୍ /ଡେସି ଲିଟର ମଧ୍ୟରେ ରହିଲେ ତାହା ସ୍ୱାଭାବିକ ଅବସ୍ଥା କୁହାଯାଏ। ଯଦି ଖାଲିପେଟ ରେ ୧୨୬ କିମ୍ବା ଉର୍ଦ୍ଧ କିମ୍ବା ଖାଇଲା ପରେ ୨୦୦ ଏମ.ଜି/ଡି ଏଲ୍ ରୁ ଉର୍ଦ୍ଧ ରୁହେ ତେବେ ସେ ମଧୁମେହ ଭଳି ସ୍ୱାସ୍ଥ୍ୟ ସମସ୍ୟା ରେ ସମ୍ମୁଖୀନ ହେଉଛନ୍ତି। ତାଙ୍କୁ ଚିକିତ୍ସା ଆବଶ୍ୟକ ପଡେ। ଆବଶ୍ୟକ ଚିକିତ୍ସାରେ କେବଳ ଯେ ଔଷଧ ସେବନ କଲେ ରୋଗ ନିୟନ୍ତ୍ରଣ ହୁଏ ତାହା ନୁହେଁ ଔଷଧ ସେବନ ସହ ଖାଦ୍ୟଶୈଳୀ ଓ ଜୀବନଚର୍ଯ୍ୟାର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ମଧୁମେହ ନିୟନ୍ତ୍ରଣ ପାଇଁ ନିୟମିତ ଔଷଧ ସେବନ ସାଙ୍ଗକୁ ସନ୍ତୁଳିତ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଅଭ୍ୟାସ, ଦୈନନ୍ଦିନ ଶାରୀରିକ ପରିଶ୍ରମ, ମାନସିକ ଚାପରୁ ମୁକ୍ତ ରହିଲେ ଅତି ଶୀଘ୍ର ନିୟନ୍ତ୍ରଣାଧୀନ ହୁଏ। ତେଣୁ ମଧୁମେହ ନିୟନ୍ତ୍ରଣରେ ରୋଗୀ ଓ ରୋଗୀଙ୍କ ପରିବାର ବର୍ଗଙ୍କ ଭୂମିକା ଶତକଡା ଅଶୀ ଭାଗ ରହିଛି। ଅନେକ ସମୟରେ ନିୟମିତ ଔଷଧ ସେବନ କଲେ ମଧ୍ୟ ପରିବାରରେ ମାନସିକ ଚାପଗ୍ରସ୍ତ ପାଇଁ ଅଧିକାଂଶ ରୋଗୀଙ୍କର ନିୟନ୍ତ୍ରଣ ନଥାଏ। ପରିବାରରେ ରୋଗୀଙ୍କୁ ଉପଯୁକ୍ତ ବ୍ୟବହାର, ସ୍ନେହ ପ୍ରେମ ଶ୍ରଦ୍ଧା ପ୍ରଦର୍ଶନ କରିବା ଆବଶ୍ୟକ ଅନୁସାରେ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରଦାନ କରିବା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅଟେ।

ମଧୁମେହର କାରଣ

ମଧୁମେହର ଅନେକ କାରଣ ମଧ୍ୟରୁ କିଛି କାରଣକୁ ମଣିଷ ଚେଷ୍ଟା କଲେ ମଧ୍ୟ ରୋକି ପାରିବେ ନାହିଁ ଯେମିତିକି ବଂଶଗତ କାରଣ କିନ୍ତୁ ଆଉ କିଛି କାରଣ ରହିଛି ଯାହାକି ମଣିଷ ପ୍ରତିକାର କରିପାରିବ। ମଧୁମେହର କାରଣ ମଧ୍ୟରୁ ଅସ୍ୱାସ୍ଥ୍ୟକର ଖାଦ୍ୟ, ଆଳସ୍ୟମୟ ଜୀବନଶୈଳୀ, ଅଧିକ ଓଜନ ବା ମେଦ ବହୁଳତା, ଅତ୍ୟଧିକ ମାନସିକ ଚାପ ଭଳି କାରଣଠୁ ଦୂରେଇ ରହିଲେ ମଧୁମେହ ଠାରୁ ଦୂରେଇ ରହିପାରିବେ ଓ ମଧୁମେହ ନିୟନ୍ତ୍ରଣ ଯେତିକି ଆବଶ୍ୟକ ନିରାକରଣ ମଧ୍ୟ ସେତିକି ଦରକାର । ତେଣୁ ମଧୁମେହ ରୋଗୀଙ୍କୁ ଘରେ ଓ କାର୍ଯ୍ୟସ୍ଥଳୀରେ ଘୃଣା, ଅପବାଦ, ଅବହେଳା, ପକ୍ଷପାତ ନକରି ଆବଶ୍ୟକ ସ୍ନେହଶ୍ରଦ୍ଧା ସମ୍ମାନ ଦେଇ ନିୟମିତ ଚିକିତ୍ସା ପ୍ରଦାନ କଲେ ମଧୁମେହ ନିୟନ୍ତ୍ରଣ ରହିବା ସହ ମଧୁମେହରେ ପୀଡ଼ିତ ବ୍ୟକ୍ତି ଅତ୍ୟଧିକ କାର୍ଯ୍ୟ କରିପାରିବ। ଏଥିପାଇଁ ନିୟମିତ ଡାକ୍ତର ଓ ସ୍ୱାସ୍ଥ୍ୟ ପରାମର୍ଶଦାତାଙ୍କ ପରାମର୍ଶ ନେବା ଉଚିତ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



# ପୂର୍ଣ୍ଣିମାକୁ ୧୫ ଦିନ ବିତିଲାଣି:ପୋଖରୀରେ ପଚୁଛି ବୋଇତ ବନ୍ଦାଣ କଦଳୀ ପଟୁକା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



କାର୍ତ୍ତିକ ପୂର୍ଣ୍ଣିମାରେ ପରମ୍ପରାକୁ ପାଳନ କଲେ । ପୋଖରୀ ତୁଠରେ କଦଳୀ ପଟ ଡଙ୍ଗା ଭସାଇଲେ । ପୂର୍ଣ୍ଣିମାକୁ ୧୫ ଦିନ ବିତିଲାଣି । ଏବେ ବି ଆଙ୍କୋଲି ଶିଳ୍ପାଞ୍ଚଳ ଛକ ପୋଖରୀରେ କଦଳୀ ପାଟୁକା ଭାସୁଥିବା ଦେଖିବାକୁ ମିଳିଛି । ଏହା ପଚି ଦୁର୍ଗନ୍ଧ ସୃଷ୍ଟି କରୁଛି । ପୋଖରୀର ସଫେଇ ଦାବି କରିଛନ୍ତି ଅଞ୍ଚଳବାସୀ । ବିଇଏମ୍‌ସି ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା କହିଛନ୍ତି ସମସ୍ତ ପୋଖରୀ ସଫେଇ ହୋଇଛି । ଏହାକୁ ମଧ ଖୁବ୍‌ଶୀଘ୍ର ସଫେଇ କରାଯିବ । ବ୍ରହ୍ମପୁର ମହାନଗର ନିଗମର ୪୨ ନମ୍ବର ୱାର୍ଡ଼ରେ ୪୨ଟି ପୋଖରୀ ରହିଛି । ଏହା ସହ କ୍ଷୁଦ୍ର ଜଳସେଚନ ବିଭାଗରୁ ଆଉ ୫ଟି ପୋଖରୀ ବିଇଏମ୍‌ସିକୁ ମିଳିଛି । ସହର ନିକଟରେ ନଦୀ ନଥିବାରୁ ପ୍ରାୟ ସମସ୍ତ ସାମାଜିକ ଓ ପାରମ୍ପରିକ କାର୍ଯ୍ୟ ପୋଖରୀରେ ଗୁଡ଼ିଁକରେ କରାଯାଇଥାଏ । କାର୍ତ୍ତିକ ପୂର୍ଣ୍ଣିମାରେ ସହରବାସୀ ଏ ସମସ୍ତ ପୋଖରୀରେ ଡ଼ଙ୍ଗା ଭସାଇଥିଲେ । ପୋଖରୀ ଗୁଡ଼ିକରେ ପାରମ୍ପରିକ ଡ଼ଙ୍ଗା ବା କଦଳୀ ପାଟୁକା ସାଙ୍ଗକୁ କାଗଜ, କାର୍ଟୁନ, ଥର୍ମୋକଲ୍, କାର୍ଡ଼ବୋର୍ଡ଼ରେ ତିଆରି ଡଙ୍ଗା ପଡ଼ି ରହିଛି । ଅଧିକାଂଶ ପୋଖରୀକୁ ବିଇଏମ୍‌ସି କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ଲୋକ ସଫେଇ କରିଛନ୍ତି । ତଥାପି ଆଉ କେତେକ ପୋଖରୀରେ ଏବେବି ଡ଼ଙ୍ଗା ପଡ଼ିରହିଛି । ଇତି ମଧ୍ୟରୁ ଆଙ୍କୋଲି ଶିଳ୍ପାଞ୍ଚଳରେ ଥିବା ପୋଖରୀ ଅନ୍ୟତମ । ଲୋକ ଭସାଇ ଯାଇଥିବା ଡଙ୍ଗା ପଚି ଦୁର୍ଗନ୍ଧ ହେଉଛି । ସ୍ଥାନୀୟ ବାସିନ୍ଦା କହିଛନ୍ତି ପୋଖରୀରେ ଡଙ୍ଗା ଭସାଇବା ପରେ ସବୁଠି ଦିନେ ଦୁଇ ଦିନ ମଧ୍ୟରେ ସଫେଇ ହୋଇଛି । ଏହି ପୋଖରୀ କିନ୍ତୁ ସଫେଇ ହୋଇନାହିଁ । ପୋଖରୀରେ ମାଛ ଅଛନ୍ତି । ଏହା ଦ୍ୱାରା ମାଛ ମରିପାରନ୍ତି । ବିଇଏମ୍‌ସି ଏହାର ତୁରନ୍ତ ସଫେଇ କରନ୍ତୁ ବୋଲି ସେ କହିଛନ୍ତି ।

# ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ଗାଁ ଗାଁରେ ପାଠାଗାର

**କୋରେଇ, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱରପୁର ପଞ୍ଚାୟତ ଅଧୀନସ୍ଥ ଭଗତପୁର ଗ୍ରାମର ଲକ୍ଷ୍ମୀଛକ ଠାରେ ଏକ ପୁସ୍ତକ ତଥା ଇ-ଲାଇବ୍ରେରୀ ପ୍ରତିଷ୍ଠା ପାଇଁ ଉଦ୍ୟମ ନିଆଯାଇଛି । ପାଠାଗାରର ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି । ବହି ତଥା ଇ-ପୁସ୍ତକ ସଂଗ୍ରହ, କମ୍ପ୍ୟୁଟର, ଇଣ୍ଟରଆକ୍ଟିଭ୍ ଡିଜିଟାଲ୍ ବୋର୍ଡ଼ ସମେତ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ ପାଇଁ ଗତ ଅକ୍ଟୋବର ୫ ତାରିଖରେ ପାଠାଗାରର କାର୍ଯ୍ୟକାରୀ କମିଟି ବୈଠକରେ ସିଦ୍ଧାନ୍ତ କରାଯାଇଛି । କଲେଜ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ସମେତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଆଶାୟୀମାନଙ୍କ ପାଇଁ ପାଠାଗାରର ସୁଯୋଗ ସୃଷ୍ଟି ଲକ୍ଷରେ ଏହି ପ୍ରକଳ୍ପର ପରିକଳ୍ପନା କରାଯାଇଛି । ଆଦର୍ଶ ଶିକ୍ଷକ, ସମାଜ ସଂସ୍କାରକ ତଥା ଜନକଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଥିବା ମାଧବାନନ୍ଦ ଷଡ଼ଙ୍ଗୀଙ୍କ ସ୍ମୃତିରେ ନିର୍ମିତ ହେଉଥିବା ଏହି ପାଠାଗାରର ନାମ "ମାଧବାନନ୍ଦ ପାଠାଗାର" ରଖାଯାଇଛି । ୨୦୨୬ ଜାନୁଆରୀ ୨୩ରେ ଉଦ୍‌ଘାଟିତ ହେବାକୁ ଯାଉଥିବା ଏହି ପାଠାଗାରକୁ ନେଇ ସ୍ଥାନୀୟ ଛାତ୍ରଛାତ୍ରୀ, ଶିକ୍ଷକ ତଥା ବୁଦ୍ଧିଜୀବୀଙ୍କ ମଧ୍ୟରେ ବ୍ୟାପକ ଭାବରେ ଆଗ୍ରହ ପ୍ରକାଶ ପାଇଛି । ଗତ ଅକ୍ଟୋବର ୫ ତାରିଖରେ ସ୍ଥାନୀୟ ଗୋପବନ୍ଧୁ ସଭାଗୃହରେ ଛାତ୍ରଛାତ୍ରୀମାନେ ସମବେତ ହୋଇ ପାଠାଗାରରେ କେଉଁ କେଉଁ ପୁସ୍ତକ ରଖାଯିବାର ଆବଶ୍ୟକତା ଅଛି, ସେ ସମ୍ପର୍କରେ ଗଠନମୂଳକ ପ୍ରସ୍ତାବମାନ ରଖିଥିଲେ । ଏହି ପାଠାଗାର ପ୍ରତି ଓଡ଼ିଶାର ବୁଦ୍ଧିଜୀବୀମାନଙ୍କ ଭିତରେ ମଧ ଆଗ୍ରହ ପ୍ରକାଶ ପାଇଛି । ଖ୍ୟାତନାମା ସାହିତ୍ୟିକ ଡ଼କ୍ଟର ବିଭୁତି ପଟ୍ଟନାୟକ ୨୦ ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ସହ ୩୦୦ରୁ ଉର୍ଦ୍ଧ୍ୱ ପୁସ୍ତକ ଦାନ କରିଛନ୍ତି । ଏ ପର୍ଯ୍ୟନ୍ତ ୨୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଉକ୍ତ ପାଠାଗାର ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

# ନିଶାସକ୍ତ ସ୍ୱାମୀ ମାଡ଼ରେ ସ୍ତ୍ରୀ ମୃତ:ସ୍ୱାମୀ ଗିରଫ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ନିଶା ପାଇଁ ସ୍ୱାମୀ-ସ୍ତ୍ରୀ ସମ୍ପର୍କରେ ଲାଗିଲା ରକ୍ତର ଛିଟା। ନିଶାସକ୍ତ ସ୍ୱାମୀର ଆକ୍ରମଣରେ ଲହୁଲୁହାଣ ହେଲା ସ୍ତ୍ରୀ। ରକ୍ତ ରଞ୍ଜିତ ହେଲା ଘର। ଚାଲିଗଲା ସ୍ତ୍ରୀର ଜୀବନ। ହତ୍ୟାକାରୀ ସାଜିଲା ସ୍ୱାମୀ। ଅଗ୍ନିକୁ ସାକ୍ଷୀ ରଖି ଯାହାର ହାତଧରି ସ୍ତ୍ରୀ ଭାବେ ଘରକୁ ନେଇ ଆସିଥିଲା ସେହି ପବିତ୍ର ବନ୍ଧନର ମହତ୍ୱ ରଖିଲାନି ସ୍ୱାମୀ । ନିଶା ପାଇଁ ଉଜୁଡ଼ି ଗଲା ଆଶା ଓ ବିଶ୍ୱାସର ସଂସାର। ଅନାଥ ହୋଇଗଲେ ଦୁଇ ଝିଅ ଏବଂ ନାବାଳକ ସନ୍ତାନ। ଏଭଳି ଏକ ଅପ୍ରୀତିକର ଘଟଣା ସାମ୍ନାକୁ ଆସିଛି ମୟୂରଭଞ୍ଜ ଜିଲ୍ଲା ମୋରଡା ଥାନା ଅନ୍ତର୍ଗତ ପାଞ୍ଚଗୁଛିଆ ଗ୍ରାମରେ । ବିଳମ୍ବିତ ରାତିରେ ନିଶାସକ୍ତ ସ୍ୱାମୀର ମାଡରେ ସ୍ତ୍ରୀର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ ପାଞ୍ଚଗୁଛିଆ ଗ୍ରାମରେ ବେଆଇନ୍ ଭାବେ ଅଧିକାଂଶ ଘରେ ଦେଶୀମଦ ବିକ୍ରି ହେଉଛି । ବେଆଇନ୍ ମଦ ବିକ୍ରି ବନ୍ଦ ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଛନ୍ତି । ମଝିରେ ମଝିରେ ମଦ ବେପାରୀମାନେ ମଧ ଗିରଫ ହୋଇ ଜାମିନ୍‌ରେ ଆସି ପୁଣି ମଦ ବେପାର ଜାରି ରଖିଛନ୍ତି । ତେବେ ବିଳମ୍ବିତ ରାତିରେ ଶଙ୍କର୍ଷଣ ଧଣିକ ମଦପିଇ ଘରକୁ ନିଶାସକ୍ତ ଅବସ୍ଥାରେ ଫେରିବା ପରେ ସ୍ତ୍ରୀ ରଇବାରୀ ଧଣିକ ସହିତ କୌଣସି ବିଷୟକୁ ନେଇ ଯୁକ୍ତିତର୍କ ହୋଇଥିଲା । ଯୁକ୍ତିତର୍କ ବଢିବାରୁ ଶଙ୍କର୍ଷଣ କ୍ରୋଧର ବଶବର୍ତ୍ତୀ ହୋଇ ଏକ ବାଉଁଶ ବାଡିରେ ସ୍ତ୍ରୀ ରଇବାରୀକୁ ମୁଣ୍ଡ ଓ ଦେହରେ ପିଟି ପିଟି ରକ୍ତାକ୍ତ କରି ଦେଇଥିଲା । ତେବେ ବାପାର ଏଭଳି ଉନ୍ମତ୍ତକାଣ୍ଡ ଦେଖି ଘରେ ଥିବା ନାବଳକ ପୁଅ ଭୟଭୀତ ଅବସ୍ଥାରେ ଥିଲା । ସକାଳୁ ପୋଡଶୀ ଲୋକେ ଖବରପାଇ ପୋଲିସକୁ ଖବର ଦେଇଥିଲେ । ଖବରପାଇ ମୋରଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ହତ୍ୟାକାରୀ ସ୍ୱାମୀ ଶଙ୍କର୍ଷଣ ଧଣିକକୁ ଗିରଫ କରିବା ସଙ୍ଗେ ସଙ୍ଗେ ମାଡ ମାରିଥିବା ବାଉଁଶ ବାଡିକୁ ମଧ୍ୟ ଜବତ କରି ତଦନ୍ତ ଆରମ୍ଭ କରିଛି । ଏଥିସହିତ ପୋଲିସ ଘଟଣାର ଅଧିକ ପ୍ରମାଣ ସଂଗ୍ରହ ପାଇଁ ଫରେନ୍‌ସିକ୍ ଟିମ୍‌ର ସହାୟତା ନେବା ସଙ୍ଗେ ସଙ୍ଗେ ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି ଏବଂ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲ୍ କଲେଜ ଏଣ୍ଡ ହସ୍ପିଟାଲ୍ ପଠାଇଥିବା ଜଣାପଡିଛି। ତେବେ ହତ୍ୟାକାରୀ ଶଙ୍କର୍ଷଣ ଏବଂ ମୃତ ସ୍ତ୍ରୀ ରଇବାରୀଙ୍କ ଦୁଇ ଝିଅ ସହିତ ଗୋଟିଏ ନାବାଳକ ପୁଅ ଥିବା ଜଣାପଡିଛି ।



# ପୋଖରୀରୁ ନିଖୋଜ ଓକିଲଙ୍କ କଙ୍କାଳ ଓ କାର୍ ଉଦ୍ଧାର

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ନିଖୋଜ ଓକିଲଙ୍କ ମିଳିଲା କଙ୍କାଳ। ତିନି ମାସ ତଳୁ ଘରୁ ନିଖୋଜ ଥିବା ନେଇ ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ ପରିବାର ଲୋକ। ଝାରପୋଖରିଆ ଥାନା ଅର୍ନ୍ତଗତ ସିଲଫୋଡି ଉପରବେଡା ଅଞ୍ଚଳର ପୋଖରୀରେ କାର୍ ପଡିଥିବାର ସକାଳୁ ଦେଖିବାକୁ ପାଇଥିଲେ ଗାଁ ଲୋକ। ସାରସକଣା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି କାର୍‌କୁ ପାଣି ଭିତରୁ ଉଦ୍ଧାର କରିଥିଲେ। ପରେ କାର୍ ପଛ ସିଟ୍‌ରେ ଗଳିତ ମୃତ ଦେହକୁ ଉଦ୍ଧାର କରି ପରିଚୟ ପାଇଥିଲେ। ମୃତକ ଜଣଙ୍କ ହେଲେ ବିଶୋଇ ଅଞ୍ଚଳର ୪୨ ବର୍ଷର ଓକିଲ ଗୁଲେଶ ଗୋଛାୟତ। ଏନେଇ ଝାରପୋଖରିଆ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ ସେପ୍ଟେମ୍ବର ୧୧ରେ ନିଖୋଜ ହୋଇଥିଲେ। ଖଡ଼ଗପୁରରୁ ଯାଇ ତାଙ୍କ ସାଙ୍ଗକୁ ଛାଡି ଫେରୁଥିବା ବେଳେ ଏହି ଅଘଟଣା ଘଟିଥିଲା ବୋଲି ପରିବାର ସୂତ୍ରରୁ ଜଣାପଡିଛି।

# ସୁରକ୍ଷା ଦାବିରେ କଲେଜ ଛାତ୍ରଛାତ୍ରୀଙ୍କ ରାସ୍ତାରୋକ୍

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

୫୫ନଂ ଜାତୀୟ ରାଜପଥର ଚୌଦ୍ୱାର କଲେଜ ନିକଟ ସର୍ଭିସ୍ ରୋଡ଼ରେ ଶୁକ୍ରବାର ଅପରାହ୍ନରେ ସଡକ ଦୁର୍ଘଟଣା ଘଟି ଚୌଦ୍ୱାର କଲେଜର ଜଣେ ଅଧ୍ୟାପିକାଙ୍କ ପତି ଅବସରପ୍ରାପ୍ତ ପୋଲିସ୍ ଅଧିକାରୀଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାକୁ ନେଇ ଚୌଦ୍ୱାର କଲେଜ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା ।



ରାଜରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ, ସର୍ଭିସ୍ ରୋଡରେ ଭାରି ଯାନ ଚଳାଚଳ, ଟ୍ରାଫିକ୍ ନିୟନ୍ତ୍ରଣରେ ଅବ୍ୟବସ୍ଥା ତଥା ସ୍ଥାନୀୟ କମ୍ପାନୀର ଦାୟିତ୍ୱହୀନତା ଯୋଗୁ ଚୌଦ୍ୱାରରେ ଦୈନିକ ଦୁର୍ଘଟଣା ଘଟୁଥିବା ଅଭିଯୋଗ କରି ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ସ୍ଥାନୀୟ ଜନସାଧାରଣ ପ୍ରଥମେ ଜାତୀୟ ରାଜପଥ ଉପରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ପରେ ଚୌଦ୍ୱାର କଲେଜ ସମ୍ମୁଖ ସର୍ଭିସ୍ ରୋଡ ଉପରେ ରାସ୍ତାରୋକ କରିଥିଲେ। ଫଳରେ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ଦୀର୍ଘ ସମୟ ଧରି ବନ୍ଦ ରହିଥିଲା। ଛାତ୍ରଛାତ୍ରୀ ମାନଙ୍କ ସୁରକ୍ଷା, ସର୍ଭିସ୍ ରୋଡ ଉପରେ ଭାରିଯାନ ଚଳାଚଳ ଉପରେ କଟକଣା, ରାସ୍ତାରେ ସୂଚନା ଫଳକ ଲଗାଇବା, କଲେଜର ଉଭୟ ପାର୍ଶ୍ୱରେ ହମ୍ପ ନିର୍ମାଣ ସହିତ ଦୀର୍ଘ ଦିନର ଦାବି ଫୁଟ୍‌ଓଭର ବ୍ରିଜ୍ ନିର୍ମାଣ ଆଦି ପାଇଁ ଛାତ୍ରଛାତ୍ରୀମାନେ ଦାବି କରିଥିଲେ । ଖବରପାଇ ଚୌଦ୍ୱାର ଥାନା ଆଇଆଇସି ଦୀପକ କୁମାର ଖଣ୍ଡାୟତରାୟ ଘଟଣାସ୍ଥଳରେ ପହଞ୍ଚି ସମସ୍ୟା ସମାଧାନ ପାଇଁ ଏକ ମିଳିତ ଆଲୋଚନା ପାଇଁ ପ୍ରତିଶୃତି ଦେବାପରେ ରାସ୍ତା ଅବରୋଧ ହଟିଥିଲା । ପରେ କଲେଜ ସଭାଗୃହରେ ଜୋନ୍-୨ ଏଡିସିପି ଅମରେନ୍ଦ୍ର ପଣ୍ଡା, ଜାତୀୟ ରାଜପଥ ଠିକା ସଂସ୍ଥାର କର୍ମଚାରୀ, ଇସ୍ପାତ କାରଖାନାର ଲୋକସମ୍ପର୍କ ଅଧିକାରୀ ମାନସ କୁମାର ବସନ୍ତିଆ, କଲେଜ ଅଧକ୍ଷା ରଶ୍ମୀ ରାଉତରାୟ, ସ୍ଥାନୀୟ କାଉନ୍‌ସିଲର ଆଶୁତୋଷ ଦାସ, କଲେଜ ଛାତ୍ରଛାତ୍ରୀ ଓ କର୍ମଚାରୀ ମାନଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ତୁରନ୍ତ ରସ୍ତା ସମ୍ପ୍ରସାରଣ କାର୍ଯ୍ୟ ସାରିବା, ରସ୍ତାରେ ଉଭୟ ପଟରେ ହମ୍ପ ନିର୍ମାଣ, ସୂଚନା ଫଳକ, ବ୍ୟାରିକେଟ ବ୍ୟବସ୍ଥା, ୱାନ୍ ୱେ ଟ୍ରାଫିକ୍ ବ୍ୟବସ୍ଥା କରାଯିବା ସହ ଫୁଟ୍‌ଓଭର ବ୍ରିଜ୍ ପାଇଁ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରାଯିବାର ମିଳିତ ପ୍ରତିଶୃତି ମିଳିବା ପରେ ଛାତୀଛାତ୍ରୀ ମାନେ ଶାନ୍ତ ପଡିଥିଲେ ।



# ସୁବର୍ଣ୍ଣପୁର ଠାରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଲେ ମନ୍ତ୍ରୀ ରବି ନାୟକ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ରୟାଲ ପଡିଆ ନିକଟସ୍ଥ ଶ୍ରୀ ବାଲାଜୀ ହନୁମାନ ମନ୍ଦିର ଠାରେ ସ୍ୱଚ୍ଛ ଭାରତ ସଙ୍ଗଠନ ସୋନପୁର ମନମୁଣ୍ଡା ପକ୍ଷରୁ ସ୍ୱଚ୍ଛତା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସମୟରେ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତକାର୍ଯ୍ୟ କ୍ରମରେ ଥିବା ଓଡ଼ିଶା ରାଜ୍ୟ ସରକାରଙ୍କର ପଞ୍ଚାୟତି ରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ମନ୍ତ୍ରୀ ରବି ନାୟକ ଏଠାରେ ପହଞ୍ଚି ସ୍ୱଚ୍ଛତା ଅଭିଯାନରେ ଥିବା ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ । ଦୀର୍ଘ ୧୨ ବର୍ଷ ଧରି ଉଭୟ ସହରର ମନ୍ଦିର ପର୍ଯ୍ୟଟନସ୍ଥଳୀ ଗୁଡ଼ିକ, ହସ୍ପିଟାଲ୍ ଓ ସରକାରୀ ବେସରକାରୀ ବିଭିନ୍ନ ଉତ୍ସବ ମାନଙ୍କରେ ସ୍ୱଚ୍ଛତା ଅଭିଯାନ ଓ ପଲିଥିନ୍ ମୁକ୍ତ ସଚେତନତା ଅଭିଯାନ ଆୟୋଜନ କରୁଥିବା, ପରିବେଶ ସୁରକ୍ଷା, ରକ୍ତଦାନ ଶିବିରର ଆୟୋଜନ, ତ୍ରିରଙ୍ଗା କାର୍ଯ୍ୟକ୍ରମ ସହ ବିଭିନ୍ନ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରୁଥିବା ଓ ଜିଲ୍ଲା ପ୍ରଶାସନ ସହିତ ଯୋଡ଼ି ହୋଇ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରୁଥିବା ଓ ସବୁ ଧର୍ମର ଲୋକେ ଏହି ସଙ୍ଗଠନରେ ସାମିଲ୍ ହୋଇ ସାରା ବିଶ୍ୱକୁ ସର୍ବ ଧର୍ମ ସମନ୍ୱୟର ବାର୍ତ୍ତା ପ୍ରଦାନ କରୁଥିବା ବିଷୟ ଅନୁଷ୍ଠାନର ଉପ ସଭାନେତ୍ରୀ ଇନ୍ଦୁମତି ପୁରୋହିତ ଓ କୋର୍ଡ଼ିନେଟର ମନୋରଞ୍ଜନ ତ୍ରୀପାଠୀଙ୍କ ଠାରୁ ଶୁଣି ମନ୍ତ୍ରୀ ଅନୁଷ୍ଠାନକୁ ଭୂୟସୀ ପ୍ରଶଂସା କରିଥିଲେ । ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱଚ୍ଛ ଭାରତ ଅଭିଯାନକୁ ସଫଳ କରାଇ ଏକ ସ୍ୱଚ୍ଛ ଭାରତ, ସୁସ୍ଥ ଭାରତ ଓ ସଶକ୍ତ ଭାରତ ଗଠନ ଦିଗରେ ସହାୟତାର ହାତ ବଢ଼ାଇବାକୁ ମନ୍ତ୍ରୀ ଶ୍ରୀ ନାୟକ ସ୍ୱେଚ୍ଛାସେବୀଙ୍କୁ ପରାମର୍ଶ କରିଥିଲେ । ପଞ୍ଚାୟତି ଓ ପାନୀୟ ଜଳ ଯୋଗାଣ ବିଭାଗର ସଫଳତା ସହ ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ଦୃତ ବିକାଶ ଓ ସରକାରଙ୍କ ସଫଳତା କାମନା କରାଯାଇଥିଲା।

# ମରିଗଲା ରାଜଧାନୀର ପ୍ରଥମ ବରଫ କଳ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଲକ୍ଷ୍ମୀସାଗର ନିକଟ ବୁଦ୍ଧେଶ୍ୱରୀ ମନ୍ଦିର ସମ୍ମୁଖ ରାସ୍ତାରେ ରହିଛି ରାଜଧାନୀର ପ୍ରଥମ ସରକାରୀ ବରଫ କଳ। କିନ୍ତୁ ପରିତାପର କଥା ବିଂଶ ଶତାବ୍ଦୀର ସତୁରି ଦଶକ ପୂର୍ବରୁ ଜନ୍ମ ନେଇଥିବା ଏହି ସରକାରୀ ଶିଳ୍ପଟି ଆଜି ମୃତ ଅବସ୍ଥାରେ। ପାଖାପାଖି ୨୦୧୪ ମସିହାରୁ ଏହାର ମୃତ୍ୟୁ ହୋଇସାରିଛି। ବରଫ ଉତ୍ପାଦନ ବନ୍ଦ ହୋଇଯାଇଛି ଏବଂ ସେତେବେଳର କର୍ମଚାରୀ ମାନଙ୍କ ମଧ୍ୟରୁ କେତେକ ଅବସର ନେଇ ସାରିଛନ୍ତି। କିନ୍ତୁ ବରଫ କଳର ଦୁଇ ମହଲା କୋଠାଟି ଜରାଜୀର୍ଣ୍ଣ ଅବସ୍ଥାରେ ମୁଣ୍ଡ ଉଠାଇ ଠିଆହୋଇଛି ଏବଂ ଭିତରେ କଳଙ୍କି ଲାଗିଯାଇଥିବା ଯନ୍ତ୍ରପାତି ସବୁ କଙ୍କାଳ ସଦୃଶ ପଡ଼ିରହିଛନ୍ତି। ଏହି ମୃତ କାରଖାନାଟିର ପୁନର୍ଜନ୍ମ ପାଇଁ ସରକାର ପ୍ରସ୍ତାବ ଆଣିଥିଲେ। ନୂଆ ରୂପରେ ଫିସ୍‌ଫେଡ୍ ଟାୱାର ନିର୍ମାଣ କରାଯିବ ବୋଲି ଯୋଜନା କରାଗଲା। ମାତ୍ର ୬ ବର୍ଷ ପରେ ବି ଇଟା ଖଣ୍ଡେ ପଡ଼ିନାହିଁ। ତେଣୁ ମୃତ ବରଫ କଳର ପୁନର୍ଜନ୍ମ ସରକାରଙ୍କ ଶୀତଳ ଭଣ୍ଡାରରେ ପଡ଼ିଛି ବୋଲି ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ କହିବା କଥା ଏକଦା ଲକ୍ଷ୍ମୀସାଗର ରାଜଧାନୀର ଏକମାତ୍ର ଶିଳ୍ପାଞ୍ଚଳ ଥିଲା। କଟକରୋଡ୍ ଥିଲା ମୁଖ୍ୟ ବ୍ୟବସାୟିକ ପେଣ୍ଠ। ଝାରପଡ଼ାରେ ମିନି ଲୁହା କାରଖାନା ଥିଲା। ଲୁହା କଡ଼େଇ ଓ ବିଭିନ୍ନ କୃଷି ଉପକରଣ ଏଠାରେ ନିର୍ମାଣ କରାଯାଉଥିଲା। ସେହିଭଳି ଏହି ବରଫ କଳ ପୂରା ରାଜଧାନୀର ଆବଶ୍ୟକତା ପୂରଣ କରୁଥିଲା। ରାଜ୍ୟ ସରକାରଙ୍କ ଏହି ବରଫ କଳ ସମସ୍ତ ମାଛ ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ଆଇସ୍‌କ୍ରିମ୍ ପ୍ରସ୍ତୁତକର୍ତ୍ତାଙ୍କୁ ବରଫ ଯୋଗାଉଥିଲା। ପ୍ରାୟ ୧୦ଜଣ କର୍ମଚାରୀ ବରଫ କଳ ଚଳାଉଥିଲେ। କିନ୍ତୁ ସମୟକ୍ରମେ ରାଜଧାନୀର କଳେବର ବଢ଼ିଲା। ନୂଆ ନୂଆ ଶିଳ୍ପାଞ୍ଚଳ ଗଢ଼ିଉଠିଲା। ଉନ୍ନତମାନର ନୂଆ ବୈଷୟିକଜ୍ଞାନ ବିଶିଷ୍ଟ ଯନ୍ତ୍ରପାତି ଆସିଲା ଏବଂ ଉଦ୍ୟୋଗପତିମାନେ ରାଜଧାନୀ ମୁହାଁ ହେଲେ। ଏମିତିରେ ପୁରୁଣା ମେସିନ୍ ଲାଗିଥିବା ଏହି ବରଫ କଳ ଆଉ ବଜାରରେ ପ୍ରତିଯୋଗିତା କରିପାରିଲାନାହିଁ। ସରକାରୀ ବ୍ୟବସ୍ଥାର ଉଦାସୀନତା କାରଣରୁ ଏଥିରେ ନୂଆ ଜ୍ଞାନକୌଶଳ ଯୋଗ କରାଗଲା ନାହିଁ ଏବଂ ଧୀରେ ଧୀରେ ଏହି କାରଖାନାର ମୃତ୍ୟୁ ହୋଇଗଲା। ସେହିଭଳି ଝାରପଡ଼ାର ଲୁହା କାରଖାନା ବି ମରିଗଲା। ପନ୍ଦରରୁ କୋଡ଼ିଏ ବର୍ଷ ହେବ ଏହି କାରଖାନା ଭୂତକୋଠି ହୋଇପଡ଼ିଛି। ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ କୋଠା ଭାଙ୍ଗିରୁଜି ଗଲାଣି। ଚାରିଆଡ଼େ ବଣୁଆ ଗଛଲତା ମାଡ଼ି ଯାଇଛି। ମୃତବତ୍ ପଡ଼ିଥିବା ଏହି ସରକାରୀ ସଂସ୍ଥାକୁ ନୂଆ ରୂପ ଦେବାକୁ ୨୦୧୯ ମସିହାରେ ସରକାର ଯୋଜନା କଲେ। ଏହି ବରଫ କଳର ୧.୬୬ ଏକର ଜମିରେ ୫ ମହଲା ବିଶିଷ୍ଟ ଫିସଫେଡ୍ ଟାୱାର୍ କରାଯିବ ବୋଲି ପ୍ରସ୍ତାବ ଆସିଲା। ମତ୍ସ୍ୟଜୀବୀମାନଙ୍କୁ ଲଜିଷ୍ଟିକ୍ ସହାୟତା ଦିଆଯିବ ବୋଲି ନିଷ୍ପତ୍ତି ନିଆଗଲା। କନ୍‌ଫରେନ୍ସ ହଲ୍ ସହିତ ମତ୍ସ୍ୟଜୀବୀଙ୍କ ପାଇଁ ବାଣିଜ୍ୟ ୟୁନିଟ୍ ନିର୍ମାଣ କରାଯିବା ସହ ଜାଲ, ଡଙ୍ଗା ଓ ବୋଟ୍ ଆଦି ନିର୍ମାଣ ଓ ବିକ୍ରି କରାଯିବ ବୋଲି ଯୋଜନା କରାଯାଇଥିଲା। ଗୋଟିଏ ମହଲାରେ ସ୍ୱତନ୍ତ୍ର ଭାବେ ଏକ ବିଶ୍ୱସ୍ତରୀୟ ଆକ୍ୱାରିୟମ୍ ପ୍ରତିଷ୍ଠା କରାଯିବ ବୋଲି ମଧ୍ୟ ସ୍ଥିର ହୋଇଥିଲା। ମାତ୍ର ୬ ବର୍ଷ ବିତିଗଲା ପଛେ ଇଟା ଖଣ୍ଡେ ପଡ଼ିପାରିଲାନାହିଁ। ଏନେଇ ଫିସ୍‌ଫେଡ୍ କର୍ତ୍ତୃପକ୍ଷଙ୍କ କହିବା କଥା ଖୁବ୍ ଶୀଘ୍ର ଆର୍ଥିକ ସହାୟତା ମିଳିବ ଏବଂ କାମ ଆରମ୍ଭ ହେବ।

# ମନ୍ଦିର ସାମ୍ନାରେ ବୃଦ୍ଧଙ୍କୁ ହତ୍ୟା

**ପଟ୍ଟାମୁଣ୍ଡାଇ, ନ୍ୟୁଜ୍ ବ୍ୟୁରୋ**

ମନ୍ଦିର ସାମ୍ନାରେ ବୃଦ୍ଧଙ୍କୁ ହତ୍ୟା କରାଯାଇଛି । କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ରିଘାଗଡ଼ ଥାନପତି ମନ୍ଦିର ସାମ୍ନାରେ ରବିବାର ଅପରାହ୍ନରେ ଘଟିଛି ଏହି ହତ୍ୟାକାଣ୍ଡ । ମୃତ ବୃଦ୍ଧ ଜଣକ ହେଲେ ବୁଦ୍ଧଦେବ ସାହୁ । ମନ୍ଦିର ଭୋଗ ରନ୍ଧାକୁ ନେଇ ପ୍ରଥମେ ହୋଇଥିଲା ପାଟିତୁଣ୍ଡ । ପରେ ବୃଦ୍ଧଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିଲେ ଦୁର୍ବୃତ୍ତ । ସ୍ଥାନୀୟ ଲୋକଙ୍କ ସହଯୋଗରେ ଗୁରୁତର ଆହତ ବୁଦ୍ଧଦେବଙ୍କୁ ଚିକିତ୍ସା ନିମନ୍ତେ ରାଜନଗର ମେଡିକାଲକୁ ଅଣାଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ସ୍ତ୍ରୀକୁ ହତ୍ୟା କରି ସ୍ୱାମୀ ଗଲା ଜେଲ୍



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଗତ ୨୨ ତାରିଖରେ ମଦ ନିଶାରେ ସ୍ତ୍ରୀକୁ ଏକ ଛୁରୀରେ ହତ୍ୟା କରିଥିବା ସ୍ୱାମୀ ଭାଗିରଥି ପୃଥିକୁ ଯାଜପୁର ରୋଡ ପୋଲିସ ଗିରଫ କରି ରବିବାର ଯାଜପୁର ରୋଡକୁ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ ଯାଜପୁର ରୋଡ ଥାନା ଅନ୍ତର୍ଗତ ଚୂନ ବାଟି ଅଞ୍ଚଳରେ ରହୁଥିବା ଭାଗିରଥି ପୂର୍ତ୍ତି ମଦ ଖାଇ ଘରକୁ ଆସିଥିଲା । ତାର ସ୍ତ୍ରୀ ବେଲ ମଦ ଖାଇବାକୁ ନେଇ ଦୁହିଁଙ୍କ ଭିତରେ କଳି କାଜିଆ ହୋଇଥିଲା ଭାଗିରଥି କ୍ରୋଧାନ୍ୱିତ ହୋଇ ତାର ସ୍ତ୍ରୀକୁ ମାଡ ମାରିବା ସହ ଏକ ଛୁରୀରେ ପେଟକୁ ଭୂଷି ଦେଇଥିଲା । ବେଲ ଚେତା ଶୂନ୍ୟ ହୋଇପଡିଥିଲା । ସଂଗେ ସଂଗେ ଯାଜପୁର ରୋଡ ଡାକ୍ତରଖାନକୁ ଚିକିତ୍ସା ପାଇଁ ନିଆଯାଇଥିଲା । ସେଠାରେ ଡାକ୍ତର ବେଲକୁ ମୃତ୍ୟୁ ଘୋଷଣା କରିଥିଲେ । ରାମ ସିଂଙ୍କ ଅଭିଯୋଗକ୍ରମେ ଥାନା ଅଧିକାରୀ ଆଶିଷ କୁମାର ସାହୁକୁ ଗରୁତ୍ୱ ଦେଇ ତଦନ୍ତ କରିବା ପାଇଁ ଏସ୍‌ଆଇ ମାନସ ସାହୁକୁ ନିର୍ଦ୍ଦେଶ ଦେଇଥିଲେ । ସାକ୍ଷ୍ୟ ପ୍ରମାଣ ସଂଗ୍ରହ କରି ଭାଗିରଥିକୁ ଗିରଫ କରିଥିଲେ । କେଶ୍ ନଂ ୧୦୩(୧)ରେ ଏକ ମକଦ୍ଦମା ରୁଜୁ କରି ଭାଗିରଥିକୁ ଯାଜପୁର ରୋଡ କୋର୍ଟକୁ ପଠାଇଥିଲେ । ମାଜିଷ୍ଟ୍ରେଟ୍ ଜାମିନ୍ ନା ମଞ୍ଜୁର କରି ରଗଡି ଜେଲ୍‌କୁ ପଠାଇ ଦେଇଛନ୍ତି।

# ଫୁସ୍‌ଫୁସ୍‌କୁ ସୁସ୍ଥ ରଖିବା ନିମନ୍ତେ ଧୂମ୍ରପାନ ଓ ପ୍ରଦୂଷଣ ଠାରୁ ଦୂରେଇ ରୁହନ୍ତୁ:ବିଶେଷଜ୍ଞ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**




ହୃଦ୍‌ରୋଗ ସମସ୍ୟା ଭଳି ଫୁସ୍‌ଫୁସ୍ ଜନିତ ସମସ୍ୟା ମଧ ମଣିଷ ଶରୀର ପାଇଁ ସମ ମାତ୍ରାରେ କ୍ଷତିକାରକ। ତେଣୁ ହୃଦ୍ ସମସ୍ୟାର ଯତ୍ନ ନେବା ସହ ଫୁସ୍‌ଫୁସ୍ ପ୍ରତି ମଧ ସେତିକି ମାତ୍ରାରେ ଧ୍ୟାନ ଦେବା ଜରୁରୀ ବୋଲି କହିଛନ୍ତି ବିଶେଷଜ୍ଞ। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ରେସ୍ପିରେଟୋରୀ ମେଡିସିନ୍ ବିଭାଗ ଓ ଓଡ଼ିଶା ଚେଷ୍ଟ ସୋସାଇଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ଆଡଭାନ୍ସ ଇନ୍ ଲଙ୍ଗ ଫଙ୍କସନ୍ ଆସେସମେଣ୍ଟ' (ଆଲଫା) ଶୀର୍ଷକ ସିଏମ୍‌ଇ ପରିପ୍ରେକ୍ଷୀରେ ବିଭାଗୀୟ ମୁଖ୍ୟ ତଥା ଓଡ଼ିଶା ଚେଷ୍ଟ ସୋସାଇଟିର ସଭାନେତ୍ରୀ ପ୍ରଫେସର ଡାକ୍ତର ବନାନୀ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିବା ଅବସରରେ କହିଛନ୍ତି ଯେ ଫୁସ୍‌ଫସ୍‌ର ଯତ୍ନ ନେବା ସହ ଏହାକୁ ସୁସ୍ଥ ରଖିବା ନିମନ୍ତେ ଧୂମ୍ରପାନ ଓ ପ୍ରଦୂଷଣ ଠାରୁ ଦୂରେଇ ରହିବା ଆବଶ୍ୟକ। ପ୍ରଫେସର ଜେନା କହିଛନ୍ତି ଆମେ ହୃଦଜନିତ ସମସ୍ୟାର ଯେତିକି ଚିକିତ୍ସା ବା ପରୀକ୍ଷା କରିଥାଉ ସେତିକି ମାତ୍ରାରେ ଫୁସଫୁସର ଯତ୍ନ ନେଇନଥାଉ। ତେବେ ଅନେକ ଅତ୍ୟାଧୁନିକ ଫୁସ୍‌ଫୁସ୍ ଜନିତ ପରୀକ୍ଷା ରହିଥିବା ବେଳେ ଏହା ବ୍ୟବହାର କରି ଫୁସ୍‌ଫୁସ୍‌କୁ ସୁସ୍ଥ ରଖିବା ନେଇ ସଚେତନତା ବାର୍ତ୍ତା ଦେବା ଏହି ସିଏମ୍‌ଇର ଲକ୍ଷ୍ୟ ବୋଲି ପ୍ରଫେସର ଜେନା କହିଛନ୍ତି। ଏହି ସିଏମ୍‌ଇରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ସିଓପିଡି ସମସ୍ୟାର ଚିକିତ୍ସା ଓ ସମାଧାନ ନେଇ ସମ୍ ହସ୍ପିଟାଲ୍ ପକ୍ଷରୁ ଅନେକ ପଦକ୍ଷେପ ହାତକୁ ନିଆଯାଉଛି ବୋଲି କହିଥିଲେ। ପିଜି ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏଭଳି ସିଏମ୍‌ଇ ଖୁବ୍ ଉପାଦେୟ ଓ ଲାଭଜନକ ହେବ ବୋଲି କୁଳପତି କହିଥିଲେ। କାର୍ଯ୍ୟକ୍ରମରେ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର ଅଶୋକ କୁମାର ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଥିଲେ ଯେ ଫୁସ୍‌ଫୁସ୍ ହିଁ ହୃଦୟକୁ ଅମ୍ଳଜାନ ଯୋଗାଇଥାଏ। ତେଣୁ ଏହାର ଯତ୍ନ ନେବା ସହ ଶାରୀରିକ ସୁସ୍ଥତା ନିମନ୍ତେ ଯୋଗ ଓ ପ୍ରାଣାୟମ ମଧ ସମାନ ମାତ୍ରାରେ ଆବଶ୍ୟକ ବୋଲି ପ୍ରଫେସର ମହାପାତ୍ର କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ପ୍ରଦୂଷଣ ଏବଂ ଧୂମ୍ରପାନ ଫୁସ୍‌ଫୁସ୍ ସମସ୍ୟା ପାଇଁ କ୍ଷତିକାରକ ହୋଇଥିବା ବେଳେ ଏଭଳି ସମସ୍ୟାରେ ପୀଡ଼ିତ ଥିବା ବ୍ୟକ୍ତିମାନେ ଧୂଆଁ ଓ ଧୂଳି ଠାରୁ ଯଥା ସମ୍ଭବ ଦୂରେଇ ରହିବା ଆବଶ୍ୟକ ବୋଲି ମତ ଦେଇଥିଲେ। ଏହି ସିଏମ୍‌ଇରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଫିଜିଓଲୋଜି ବିଭାଗର ନିର୍ଦ୍ଦେଶକ ଓ ମୁଖ୍ୟ ତଥା ଭିପି ଚେଷ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର କାର୍ଡିଓପଲମୋନାରୀ ରିହାବିଲିଟେସନ୍‌ର ଇନ୍‌ଚାର୍ଜ ଡାକ୍ତର ବିଶାଲ ବଂସଲ, ଭୁବନେଶ୍ୱର ଏମ୍ସର ପ୍ରଫେସର (ଡାକ୍ତର) ମନୋଜ ପାଣିଗ୍ରାହୀ, ଏସ୍‌ସିବି ମେଡିକାଲ୍ କଲେଜ କଟକର ପଲମୋନାରୀ ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର ଡାକ୍ତର ମନୋରନ ଦାଶ, କିମ୍ସ ହସ୍ପିଟାଲ୍‌ର ଡାକ୍ତର ଦେବାଶିଷ ବେହେରା, ଅଶ୍ୱିନୀ ହସ୍ପିଟାଲ୍ କଟକର ଡାକ୍ତର ସମ୍ପତ ଦାଶ ଏବଂ ବାଗ୍‌ଚୀ କ୍ୟାନ୍ସର ଇନ୍‌ଷ୍ଟିଚ୍ୟୁଟ୍ ଭୁବନେଶ୍ୱରର ଡାକ୍ତର ଆରୁଷୀ ଚୋଖାନୀ ପ୍ରମୁଖ ବିଶେଷଜ୍ଞ ଭାବେ ଯୋଗଦେଇ ଫୁସ୍‌ଫୁସ୍ ଜନିତ ସମସ୍ୟା, ଯତ୍ନ ଏବଂ ଚିକିତ୍ସା ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଗତ ନଭେମ୍ବର ୧୯ ତାରିଖ ଦିନ ୱାର୍ଲ୍ଡ ସିଓପିଡି ଦିବସ ଉପଲକ୍ଷେ ଏକ ସଚେତନତା ୱାକାଥନର ଆୟୋଜନ କରାଯାଇଥିଲା।

# ଦିଲ୍ଲୀ ଅହିର୍ ରେଜିମେଣ୍ଟରେ ଯୋଗଦେଲେ ଯାଦବ ମହାସଂଘ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଯାଦବ ମହାସଭା ତରଫରୁ ସଭାପତି ପ୍ରଭାକର ପଲ୍ଲାଇଙ୍କ ନେତୃତ୍ୱରେ ଶତାଧିକ ଯାଦବ ମହାସଂଘର ସଦସ୍ୟ ଦିଲ୍ଲୀର ଯନ୍ତର ମନ୍ତରଠାରେ ଅନୁଷ୍ଠିତ ହୋଇଥିବା ଅହିର୍ ରେଜିମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଛନ୍ତି। ୧୯୬୨ ମସିହା ଭାରତ ଚୀନ୍ ଯୁଦ୍ଧ ସମୟରେ ୧୨୦ ଜଣ ଯାଦବ ସୈନିକ ଭାବରେ ସହିଦ୍ ହୋଇଥିଲେ। ଅହିର୍ ରେଜିମେଣ୍ଟର ଦାବି ପାଇଁ ଅଖିଳ ଭାରତୀୟ ଯାଦବ ମହାସଭା ନିର୍ଦ୍ଦେଶକ୍ରମେ ଜିଲ୍ଲା ଯାଦବ ମହାସଭା ତରଫରୁ ସେଠାରେ ଉପସ୍ଥିତ ହୋଇ ଏକ ଦାବିପତ୍ର ଭାରତ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସାଧାରଣ ସମ୍ପାଦକ ଚିନ୍ମୟୀ ଦାସଙ୍କ ସମେତ ମନୋଜ କୁମାର ଦାସ, ମିନତୀ ଦାସ, ନିରଞ୍ଜନ ଜତି, ଅଜୟ କୁମାର ଦାସ, ମାନସ କୁମାର ଦାସ, ଗଙ୍ଗାଧର ଦାସଙ୍କ ସମେତ ଜିଲ୍ଲା ଯାଦବ ମହାସଭାର କର୍ମକର୍ତ୍ତା ଓ ସଦସ୍ୟ/ସଦସ୍ୟା ଉପସ୍ଥିତ ଥିଲେ।

# ଶକ୍ତି ନଗରରେ ସଫେଇ ଅଭିଯାନ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଶକ୍ତି ନଗର ୧୧ ନଂ ୱାର୍ଡକୁ ସ୍ୱଚ୍ଛ ସୁନ୍ଦର କରିବା ପାଇଁ ଅଭିପ୍ସା ମହିଳା ସମିତି ଓ ଶକ୍ତି ନଗର ୟୁଥ୍ ଆସୋସିଏସନ୍ ଆନୁକୂଲ୍ୟରେ ତଥା କାଉନ୍‌ସିଲର ସୁନନ୍ଦା ପଣ୍ଡାଙ୍କ ନେତୃତ୍ୱରେ ସ୍ୱଚ୍ଛ ସୁନ୍ଦର ରଖିବା ପାଇଁ ଘରକୁ ଘର ଯାଇ ସଚେତନତା ସୃଷ୍ଟି କରିଥିଲେ । ଏହି କାର୍ଯ୍ୟକ୍ରମରେ ସଭାପତି ମାନସ ଚାନ୍ଦ, ସତ୍ୟ ନାରାୟଣ ପଣ୍ଡା, ରାକେଶ ନାଏକ, ବିଭୂତି ଭୂଷଣ ଦାଶ, ଗୋପାଳ ମେହେର, ରୁନୁପମା ପ୍ରଧାନ, ମାନିନୀ ତ୍ରିପାଠୀ, ଅଳକା ମେହେର, ସାଗରିକା ଦାଶ ଓ ଆହୁରି ଅନେକ ସହଯୋଗ କରିଥିଲେ ।

# ଆସନ୍ତା ୯ରେ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ : ଓସିଏ ପକ୍ଷରୁ ଜୋରଦାର ପ୍ରସ୍ତୁତି



**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ବାରବାଟୀ ଷ୍ଟାଡିୟମରେ ଡିସେମ୍ବର ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ୨୦-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଖେଳାଯିବ। ଏଥିପାଇଁ ଓସିଏ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ବାରବାଟୀରେ ଏହା ହେବ ଚତୁର୍ଥ ଅନ୍ତରଜାତୀୟ ୨୦-୨୦ ମ୍ୟାଚ୍। ପୂର୍ବରୁ ଏଠାରେ ତିନୋଟି ୨୦-୨୦ ମ୍ୟାଚ୍ ଖେଳାଯାଇଛି। ଭାରତ ତିନୋଟି ଯାକ ମ୍ୟାଚ୍ ଖେଳି ଗୋଟିଏ ଜିତିଥିବାବେଳେ ଦୁଇଟି ପରାଜିତ ହୋଇଛି। ଦକ୍ଷିଣ ଆଫ୍ରିକା ବାରବାଟୀରେ ଦୁଇଟି ମ୍ୟାଚ୍ ଖେଳି ଦୁଇଟି ଯାକ ମ୍ୟାଚ୍‌ରେ ବିଜୟ ହାସଲ କରିଛି।

ଡିସେମ୍ବର୍ ୯ରେ ଖେଳାଯିବାକୁ ଥିବା ମ୍ୟାଚ୍ ଲାଗି ଦୁଇଟି ପିଚ୍ ପ୍ରସ୍ତୁତ କରାଯାଇଛି। ସେଥିମଧ୍ୟରୁ ଗୋଟିଏ ପିଚ୍‌ରେ ମ୍ୟାଚ୍ ଖେଳଜିବ। ଏହି ମାଚ୍ ରାତି ୭ଟାରୁ ଖେଳାଯିବ। ରାତିରେ ମ୍ୟାଚ୍ ଅନୁଷ୍ଠିତ ହେଉଥିବାରୁ କାକର ଅନୁଭୁତ ହେବ। କାକରକୁ ଏଡ଼ାଇବା ନେଇ ଓସିଏ ପକ୍ଷରୁ ପଦକ୍ଷେପ ନିଆଯାଇଛି। ବାରବାଟୀ ଷ୍ଟାଡିଅମ ପରିସର ଓ ବାହାରେ ଆବଶ୍ୟକ ମରାମତି କାର୍ଯ୍ୟ ଜାରି ରହିଛି। ଆସନ୍ତା ପହିଲାରେ ବିସିସିଆଇ ଦଳ ବାରବାଟୀ ଷ୍ଟାଡିଅମ ପଡ଼ିଆ ଓ ପିଚ୍ ପରିଦର୍ଶନରେ ଆସିବେ ବୋଲି ଜଣାପଡ଼ିଛି। ବିସିସିଆଇ ଦଳର ପରାମର୍ଶକ୍ରମେ ପଡ଼ିଆ ଓ ପିଚ୍‌ର କାମ କରାଯିବ ବୋଲି ସୂଚନା ମିଳିଛି।

# ନିରାଶ କଲେ ଭାରତୀୟ ବ୍ୟାଟର : ଦକ୍ଷିଣ ଆଫ୍ରିକା ହାତମୁଠାରେ ଗୌହାଟି ଟେଷ୍ଟ

**ଗୌହାଟୀ**

ବରସାପରା ଷ୍ଟାଡିୟମରେ ଖେଳାଯାଉଥିବା ଦ୍ୱିତୀୟ ଟେଷ୍ଟରେ ବ୍ୟାକଫୁଟରେ ଟିମ୍ ଇଣ୍ଡିଆ। ମ୍ୟାଚ୍‌ରେ ସଂପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରିଛି ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା। ଦକ୍ଷିଣ ଆଫ୍ରିକାର ୪୮୯ ରନ ଜବାବରେ ଭାରତୀୟ ଦଳ ପ୍ରଥମ ଇନିଂସରେ ୨୦୧ ରନରେ ଅଲଆଉଟ୍ ହୋଇଛି। ୨୮୮ ରନ ଆଗୁଆ ରହିଥିବା ଦକ୍ଷିଣ ଆଫ୍ରିକା ଫଲୋଅନ ନ ଦେଇ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଛି। ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଦଳ କୌଣସି ୱିକେଟ୍ ନ ହରାଇ ୨୬ ରନ କରିଛି। ରିୟାନ ରିକଲଟନ ୧୩ ରନ ଓ ଆଡନ ମାରକ୍ରମ ୧୨ ରନ କରି ଅପରାଜିତ ଅଛନ୍ତି। ଦଳ ଭାରତଠୁ ୩୧୪ ରନରେ ଅଗ୍ରଣୀ ହାସଲ କରିଛି। ମ୍ୟାଚ୍ ଆହୁରି ଦୁଇ ଦିନ ବାକି ଥିବା ବେଳେ ଦକ୍ଷିଣ ଆଫ୍ରିକାର ପଲ୍ଲା ଭାରି ରହିଛି।

ଭାରତ ଦ୍ୱିତୀୟ ଦିନର ଅସମାପ୍ତ ଖେଳ ୯/୦ରେ ଖେଳ ଆରମ୍ଭ କରିଥିଲା। ଯଶସ୍ୱୀ ଜୟସ୍ୱାଲ ଓ କେଏଲ ରାହୁଲ ଭଲ ଆରମ୍ଭ ଦେଇଥିଲେ। ଉଭୟ ୬୫ ରନ ଯୋଡ଼ିଥିଲେ। ରାହୁଲ ୨୨ ରନ କରି ଆଉଟ୍ ହୋଇଥିଲେ। ଜୟସ୍ୱାଲ ୫୮ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ପାଭିଲିୟନ ଫେରିଥିଲେ। ଏହା ପରେ ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ବୋଲରଙ୍କ ମୁକାବିଲା କରି ପାରି ନ ଥିଲା। ଦଳ ବ୍ୟାଟିଂ ବିପର୍ଯ୍ୟୟ ଭୋଗି ୧୨୨ ରନରେ ୭ ୱିକେଟ୍ ହରାଇଥିଲା। ସାଇ ସୁଦର୍ଶନ (୧୫ ରନ) ମିଳିଥିବା ସୁଯୋଗର ଫାଇଦା ଉଠାଇ ପାରି ନ ଥିଲେ। ଅଧିନାୟକ ଋଷଭ ପନ୍ତ ବଡ଼ ସଟ୍ ଖେଳିବାକୁ ଯାଇ ୭ ରନରେ ଆଉଟ୍ ହୋଇଥିଲେ। ଧ୍ରୁବ ଜୁରେଲ ଖାତା ବି ଖୋଲି ପାରି ନ ଥିଲେ। ନୀତିଶ ରେଡ୍ଡୀ (୧୦ ରନ) ନିରାଶ କରିଥିଲେ।




ଏକଦା ୯୫ ରନରେ ଗୋଟିଏ ୱିକେଟ୍ ହରାଇଥିବା ଭାରତ ୧୭ ରନରେ ୬ ୱିକେଟ୍ ହରାଇଥିଲା। ଫଳରେ ଭାରତ ଫଲୋଅନ ଆଶଙ୍କାରେ ପଡ଼ିଥିଲା। ଏହା ପରେ ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବ ସଂଘର୍ଷ କରି କିଛି ସମୟ ପର୍ଯ୍ୟନ୍ତ ଭାରତର ଆଶା ଉଜ୍ଜୀବିତ ରଖିଲେ। ଦୁଇ ବ୍ୟାଟର ଅଷ୍ଟମ ୱିକେଟ୍ ପାଇଁ ୭୨ ରନ ଯୋଡ଼ିଥିଲେ। ସୁନ୍ଦର ୪୮ ରନ କରି ଆଉଟ୍ ହେବା ଭାରତକୁ ବଡ଼ ଝଟକା ଲାଗିଥିଲା। କୁଲଦୀପ ଯାଦବ ୧୯ ରନରେ ଆଉଟ୍ ହେବା ପରେ ଭାରତର ପ୍ରଥମ ଇନିଂସ ୨୦୧ ରନରେ ଅନ୍ତ ଘଟିଥିଲା। ଆଉ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଭାରତଠୁ ୨୮୮ ରନରେ ଆଗୁଆ ରହିଛି। ଦ୍ୱିତୀୟ ଇନିଂସରେ କୌଣସି ୱିକେଟ୍ ନ ହରାଇ ଦକ୍ଷିଣ ଆଫ୍ରିକା ୨୬ ରନ କରି ମୋଟ୍ ୩୧୪ ରନର ଅଗ୍ରଣୀ ହାସଲ କରି ସାରିଛି। ବୋଲିଂରେ ଦକ୍ଷିଣ ଆଫ୍ରିକା ପକ୍ଷରୁ ମାର୍କୋ ଜନସେନ ୬ ୱିକେଟ୍ ନେଇଛନ୍ତି। ହାରମରଙ୍କୁ ୩ଟି ୱିକେଟ୍ ମିଳିଛି।

# ଡିସେମ୍ବର ୧୯ରେ ରାଜ୍ୟ ସ୍ତରୀୟ ସତ୍ୟ ସାଇ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ବ୍ଲକ ଝାଲପଡ଼ା ପଞ୍ଚାୟତସ୍ଥ କାକୁଡିକୁଦ-ନୀଳକଣ୍ଠପୁର ସତ୍ୟ ସାଇ କ୍ରିକେଟ୍ ପଡିଆରେ ଡିସେମ୍ବର ମାସ ୧୯ ତାରିଖରେ ରାଜ୍ୟ ସ୍ତରୀୟ ସତ୍ୟ ସାଇ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏନେଇ ଆୟୋଜକ ପକ୍ଷରୁ ସୂଚନା ଦିଆଯାଇଛି। ସତ୍ୟ ସାଇ କ୍ରିକେଟ ଆସୋସିଏସନର ସଭାପତି ପ୍ରିୟନାଥ ରାଉତଙ୍କ ସଭାପିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଯାଜପୁର ଇଲେଭେନଷ୍ଟାର ଯାଜପୁର ଟାଉନ, ଏୱାଇପି ପଞ୍ଚୁପାଣ୍ଡବ, ବଟ ମଙ୍ଗଳା କ୍ରିକେଟ୍ ଟିମ୍ ଗୋଳକୁଣ୍ଡ, ସତ୍ୟ ସାଇ କ୍ରିକେଟ ଟିମ୍ କାକୁଡ଼ିକୁଦ, ଆଦର୍ଶ କ୍ଲବ ବାଲେଶ୍ୱର, ଡିଆରକେ ବାରିପଦା, ଇନ୍ଦୁପୁର କ୍ରିକେଟ୍ କ୍ଲବ କେନ୍ଦ୍ରାପଡ଼ା, ୟୁନିକ୍ ଏକାଡେମୀ ଭଦ୍ରକ, ବାପୁଜୀ କ୍ଲବ ଭୁବନେଶ୍ୱର ଓ ସାଇ ଇଲେଭେନ ଭୁବନେଶ୍ୱର ଆଦି ରାଜ୍ୟର ପ୍ରମୁଖ କ୍ରିକେଟ୍ ଟିମ୍ ଯୋଗ ଦେବେ। ଏହି ପ୍ରତିଯୋଗିତା ଡିସେମ୍ବର ୧୯ତାରିଖରୁ ଆରମ୍ଭ ହୋଇ ୨୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ବୈଠକରେ ଆସୋସିଏସନର ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ସାଂସଦ ଖେଳ ମହୋତ୍ସବ : ପ୍ରତିଭାବାନ ଖେଳାଳିଙ୍କୁ ତୃଣମୂଳରୁ ଜାତୀୟ ସ୍ତରକୁ ନେବାର ପ୍ରଚେଷ୍ଟା ସାର୍ଥକ ହେଉଛି - ଧର୍ମେନ୍ଦ୍ର

**ସମ୍ବଲପୁର**

'ସାଂସଦ ଖେଳ ମହୋତ୍ସବ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନା ପ୍ରସୂତ ଏକ ଅଭିନବ ପ୍ରୟାସ। ଯାହାର ମୂଳ ଲକ୍ଷ୍ୟ ହେଉଛି ଅନେକ ପ୍ରତିଭାବାନ ଖେଳାଳିଙ୍କୁ ତୃଣମୂଳ ସ୍ତରରୁ ଜାତୀୟ ସ୍ତରକୁ ନେବା। ଏହି ମହୋତ୍ସବ ଅନେକ ଦକ୍ଷ କ୍ରୀଡ଼ାବିତ୍‌ମାନଙ୍କୁ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସୋମବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅନୁଷ୍ଠିତ 'ସାଂସଦ ଖେଳ ମହୋତ୍ସବ - ୨୦୨୫'ର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।



ଶ୍ରୀ ପ୍ରଧାନ କହିଛନ୍ତି ସମ୍ବଲପୁର ବାସ୍ତବରେ କ୍ରୀଡ଼ାର ସହର। ଫୁଟବଲ୍, ସୁଇମିଂ, କବାଡ଼ି ସମେତ ଆଥଲେଟିକ୍ସର ବିଭିନ୍ନ ବିଭାଗରେ ଅନେକ ଖେଳାଳି ଭାଗ ନେଇ ନିଜର ଦକ୍ଷତା ପ୍ରକାଶ କରି ଆମ ଅଞ୍ଚଳର ଗୌରବ ବଢ଼ାଇଛନ୍ତି। ସମସ୍ତ ବିଷୟକୁ 'ସ୍ପୋର୍ଟସ୍ ମ୍ୟାନ୍ ସ୍ପିରିଟ୍' ଭାବରେ ଗ୍ରହଣ କରିବା ଏବଂ ତାକୁ ଉତ୍ସବ ଭାବରେ ପାଳନ କରିବା ସମ୍ବଲପୁରର ଲୋକଚରିତ୍ର। ଖେଳକୁ ଆମକୁ ପ୍ରାଥମିକତାର ବିଷୟ ଭାବରେ ଗ୍ରହଣ କରିବାକୁ ହେବ। ସମାଜ ଖେଳିଲେ ହିଁ ସୁସ୍ଥ ଓ ସମୃଦ୍ଧ ରହିବ। ୨୦୩୬ ଅଲିମ୍ପିକ୍ସ ପାଇଁ ଭାରତ ପ୍ରାକ୍ ପ୍ରସ୍ତୁତ ହେଉଥିବା ବେଳେ ଆମ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏପ୍ରକାର ପ୍ରତିଯୋଗିତା ସେମାନଙ୍କର ଖେଳୁଆଡ଼ ମନୋଭାବକୁ ଆହୁରି ଅଧିକ ପ୍ରସ୍ଫୁଟିତ କରିବ। ଆଗାମୀ ଦିନରେ ସମ୍ବଲପୁର ଜିଲ୍ଲାରେ ଥିବା ବିଭିନ୍ନ ଷ୍ଟାଡିୟମକୁ ଆକର୍ଷଣୀୟ କରାଯିବା ସହ କ୍ରୀଡ଼ା ଭିତ୍ତିଭୂମିକୁ ମଜଭୂତ୍ କରାଯିବ।

ସେ କହିଛନ୍ତି ଯେ ସମ୍ବଲପୁର ଲୋକସଭା କ୍ଷେତ୍ରରେ ବିଭିନ୍ନ ବ୍ଲକରେ ଆୟୋଜିତ 'ସାଂସଦ ଖେଳ ମହୋତ୍ସବ'ରେ ମୋଟ ୫୩ ହଜାର ୬୧୯ ଜଣ ଖେଳାଳି ପଞ୍ଜୀକୃତ କରିଥିଲେ। ସେଥିମଧ୍ୟରୁ ଛାତ୍ରମାନଙ୍କ ସଂଖ୍ୟା ୨୭,୪୫୫ ଏବଂ ଛାତ୍ରୀମାନଙ୍କ ସଂଖ୍ୟା ୨୬, ୧୫୯। ମହୋତ୍ସବରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଛନ୍ତି।

ନଭେମ୍ବର ୭ରୁ ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ମୋଟ ୧୮ ଦିନ ଧରି ଆୟୋଜିତ ଏହି ମହୋତ୍ସବ ଦେବଗଡ଼ରୁ ଆରମ୍ଭ ହୋଇଥିଲା ଏବଂ ସୋମବାର ସମ୍ବଲପୁରରେ ଉଦ୍‌ଯାପିତ ହୋଇଛି। 'ବିକଶିତ ଭାରତ ପାଇଁ ସୁସ୍ଥ ରହିବେ ଯୁବ ବର୍ଗ' ଥିମ୍‌ରେ ଆୟୋଜିତ ଏହି ମହୋତ୍ସବରେ କନିଷ୍ଠ ବିଭାଗ (୧୪ରୁ ୧୭ ବର୍ଷ) ଓ ବରିଷ୍ଠ ବିଭାଗ (୧୮ରୁ ୨୩ ବର୍ଷ) ବର୍ଗର ଖେଳାଳିମାନେ ନିଜର ଉନ୍ନତମାନର ଦକ୍ଷତା ପ୍ରଦର୍ଶନ କରିଥିଲେ। କନିଷ୍ଠ ବର୍ଗରେ ୧୦୦ ଓ ୨୦୦ ମିଟର ଦୌଡ଼, ଡିସକସ୍ ଥ୍ରୋ, ସଟପୁଟ୍ ଏବଂ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଭାଗ (୧୮ ରୁ ୨୩ ବର୍ଷ) ବର୍ଗର ଖେଳାଳୀମାନେ ୧୦୦ ଓ ୨୦୦ ମିଟର ଦୌଡ଼, ଡିସକସ୍ ଥ୍ରୋ, ସଟପୁଟ୍ ଏବଂ କବାଡ଼ି ପ୍ରତିଯୋଗିତାରେ ଭାଗ ନେଇଥିଲେ।

ଏହି ଉଦ୍‌ଯାପନୀ ସମାରୋହରେ ଓଡ଼ିଶାର କ୍ରୀଡ଼ା ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଏବଂ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ ଏବଂ ଜିଲ୍ଲା ପ୍ରଶାସନ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ଜାତୀୟ ସ୍କେଟିଂ ଚାମ୍ପିଅନସିପ୍ ଭାଗନେବେ ଓଡ଼ିଶାର ୯୪ ସ୍କେଟର



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଚଳିତବର୍ଷ ଶେଷ ଭାଗରେ ବିଶାଖାପାଟଣାରେ ଅନୁଷ୍ଠିତ ହେବାକୁ ଥିବା ୬୩ତମ ଜାତୀୟ ରୋଲର ସ୍କେଟିଂ ପ୍ରତିଯୋଗିତାରେ ଭାଗନେବା ଲାଗି ଓଡ଼ିଶାର ୯୪ ଜଣ ସ୍କେଟର ମନୋନୀତ ହୋଇଛନ୍ତି। ଓଡ଼ିଶା ଦଳର ନେତୃତ୍ୱ ନେବେ ଅଗ୍ରଣୀ ସ୍କଟର ଆନାହିତା ମିଶ୍ର। ସେ ବର୍ତ୍ତମାନ ଇନଗାଇନ୍ ଫ୍ରିଷ୍ଟାଇଲ ସିଡ୍ ସାଲୋମ ଜୁନିୟର ମହିଳା କାଟେଗୋରି ବିଶ୍ୱ ର୍ୟାଙ୍କିଙ୍ଗରେ ୬ଷ୍ଠ ସ୍ଥାନରେ ରହିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଅକ୍ଟୋବର ୨୫ ଓ ୨୬ରେ ଅନୁଷ୍ଠିତ ୧୨ତମ ଓଡ଼ିଶା ରାଜ୍ୟ ରୋଲର ସ୍ପୋର୍ଟ ଚାମ୍ପିୟନସିପ୍ ୨୦୨୫ ବେଳେ ଏହି ସ୍କେଟରମାନେ ପ୍ରଦର୍ଶନ ଭିତ୍ତିରେ ମନୋନୀତ ହୋଇଛନ୍ତି। ଏଥିରେ ୧୨ଟି ଜିଲାର ଦଳ ସ୍କେଟିଂର ୧୦ଟି ବିଭାଗ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମନୋନୀତ ସ୍କେଟରମାନଙ୍କ ତାଲିକାର ନକଲ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଅଲିମ୍ପିକ ଆସୋସିଏସନ ନିକଟକୁ ପଠାଇ ଦିଆଯାଇଛି। ମନୋନୀତ ସ୍କେଟରମାନଙ୍କୁ ଜାତୀୟ ଚାମ୍ପିୟନସିପ୍ ପାଇଁ ପ୍ରସ୍ତୁତି ଲାଗି ଆସୋଏଶନ ତରଫରୁ ଆବଶ୍ୟକ ସହଯୋଗ ଓ ସହାୟତା ଲୋଡ଼ାଯାଇଛି ବୋଲି ଓଡ଼ିଶା ସ୍କେଟିଂ ଆସୋସିଏସନ ସଭାପତି ଦିଲ୍ଲୀପ ତିର୍କି, ସମ୍ପାଦକ ସତ୍ୟଜିତ ମହାନ୍ତି, ଯୁଗ୍ମ ସମ୍ପାଦକ ନିମିଶ ଶର୍ମା, ସଂଘଠକ ସମ୍ପାଦକ ପ୍ରଦ୍ୟୁମ୍ନ ପ୍ରହରାଜ ପ୍ରମୁଖ ଜଣାଇଛନ୍ତି।

## ରାଇଜିଂ ଏସିଆ କପ୍

# ସୁପର ଓଭରରେ ଜିତିଲା ପାକିସ୍ତାନ

**ନୂଆଦିଲ୍ଲୀ**

ଏସିଆ କପ୍ ରାଇଜିଂ ଷ୍ଟାର୍ସର ଚାମ୍ପିଅନ ହୋଇଛି ପାକିସ୍ତାନ। ଫାଇନାଲରେ ଦଳ ବାଂଲାଦେଶ-ଏ'କୁ ପରାସ୍ତ କରିଛି। ତେବେ ଫାଇନାଲ ଖୁବ୍ ରୋମାଞ୍ଚକର ହୋଇଥିଲା। ମ୍ୟାଚ୍‌ର ଫଇସଲା ସୁପର ଓଭରରେ ହୋଇଥିଲା।

ଦୋହାରେ ଖେଳାଯାଇଥିବା ମୁକାବିଲାରେ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ବାଂଲାଦେଶ। ପ୍ରଥମେ ବ୍ୟାଟିଂ କରୁଥିବା ପାକିସ୍ତାନ-ଏ ମାତ୍ର ୧୨୫ ରନରେ ଅଟକି ଯାଇଥିଲା। ଏହାର ଜବାବରେ ବାଂଲାଦେଶ ମଧ୍ୟ ୧୨୫ ରନ୍ କରିପାରିଥିଲା। ସୁପର ଓଭରରେ ପାକିସ୍ତାନ ଆଗରେ ବାଂଲାଦେଶ ୭ ରନର ଟାର୍ଗେଟ୍ ରଖିଥିଲା। ଯାହାକୁ ବିନା କୌଣସି ୱିକେଟ୍ ହରାଇ ପାକିସ୍ତାନ ହାସଲ କରିନେଇଥିଲା।




ତେବେ ୧୨୬ ରନର ଟାର୍ଗେଟକୁ ଚେଜ୍ କରୁଥିବା ବାଂଲାଦେଶ-ଏ ଆରମ୍ଭରୁ ଭଲ ଖେଳିଥିଲା। ପ୍ରଥମ ୱିକେଟ ଦଳ ୨୨ ରନରେ ହରାଇଥିଲା। କିନ୍ତୁ ଜୀସାନ୍ ଆଲମଙ୍କ ୱିକେଟ୍ ଯିବା ପରେ ଜଣଙ୍କ ପରେ ଜଣେ ବ୍ୟାଟର ପ୍ୟାଭିଲିୟନ ଫେରିଥିଲେ। ତାସ ଘର ଭଳି ବ୍ୟାଟିଂ ଲାଇନ୍ ଭୁଶୁଡ଼ି ପଡ଼ିଥିଲା। ୫୭ ରନରେ ଦଳ ୭ ୱିକେଟ୍ ହରାଇ ସଙ୍କଟରେ ପଡିଥିଲା। ଶେଷରେ ଦଳକୁ ୧୮ ବଲରେ ୩୦ ରନ୍ ଦରକାର ଥିଲା। ୧୯ ତମ ଓଭରରେ ଦଳର ବ୍ୟାଟର ୨୦ ରନ୍ ସ୍କୋର କରିଥିଲେ। କିନ୍ତୁ ଶେଷ ଓଭରରେ ଦଳ ୭ ରନ୍ କରିପାରିନଥିଲା।

ସୁପର ଓଭରରେ ବାଂଲାଦେଶ ଟିମ୍ ବ୍ୟାଟିଂ ପାଇଁ ଆସିଥିଲା। ପ୍ରଥମ ବଲରେ ସିଙ୍ଗିଲ ଆସିଥିଲା। ହିତୀୟ ବଲରେ ୱିକେଟ୍ ଏବଂ ତୃତୀୟ ବଲ ୱାଇଡ୍ ଥିଲା। ଚତୁର୍ଥ ବଲରେ ଜୀସାନ ବୋଲ୍ଡ ହୋଇଥିଲେ। ତେଣୁ ପାକିସ୍ତାନ-ଏକୁ ମାତ୍ର ୭ ରନର ବିଜୟ ଲକ୍ଷ୍ୟ ମିଳିଥିଲା। ଯାହାକୁ ବିନା କୌଣସି ୱିକେଟ୍ ହରାଇ ଦଳ ହାସଲ କରିନେଇଥିଲା।

# ସୟଦ ମୁସ୍ତାକ ଅଲି ଟ୍ରଫି ପାଇଁ ମହାରାଷ୍ଟ୍ର ଦଳର ଅଧିନାୟକ ହେଲେ ପୃଥ୍ୱୀ ଶ'

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟର ସବୁଠାରୁ ପ୍ରତିଭାଶାଳୀ ଖେଳାଳିଙ୍କ ମଧ୍ୟରୁ ଜଣେ ପୃଥ୍ୱୀ ଶ' ଦୀର୍ଘ ସମୟ ଧରି ଅନ୍ତର୍ଜାତୀୟ କ୍ରିକେଟରୁ ଦୂରରେ ଅଛନ୍ତି। ଗତ ବର୍ଷ ଆଇପିଏଲ ୨୦୨୫ ନିଲାମରେ କୌଣସି ଦଳ ତାଙ୍କୁ କିଣି ନଥିଲେ, ତେଣୁ ଏହି ସୀମା ଶେଷ ହୋଇଯାଇଥିଲା। ତଥାପି ପୃଥ୍ୱୀ ଶ' ଦୃଢ଼ ପ୍ରଦର୍ଶନ ସହିତ ଏକ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ ଘରୋଇ କ୍ରିକେଟରେ ନିରନ୍ତର ରନ ସଂଗ୍ରହ କରିଆସୁଛନ୍ତି। ଏହି ସମୟରେ, ପୃଥ୍ୱୀ ଶ'ଙ୍କ ଭାଗ୍ୟ ହଠାତ୍ ବଦଳି ଯାଇଛି। ତାଙ୍କୁ ସୟଦ ମୁସ୍ତାକ ଅଲି ଟ୍ରଫି ପାଇଁ ମହାରାଷ୍ଟ୍ର ଦଳର ଅଧିନାୟକ ନିଯୁକ୍ତ କରାଯାଇଛି।



ଏହା ଉଲ୍ଲେଖନୀୟ ଯେ ଋତୁରାଜ ଗାୟକ୍ୱାଡ୍ ପୂର୍ବରୁ ୨୦୨୫-୨୬ ସୟଦ ମୁସ୍ତାକ ଅଲି ଟ୍ରଫି ପାଇଁ ମହାରାଷ୍ଟ୍ର ଦଳର ଅଧିନାୟକ ଥିଲେ, କିନ୍ତୁ ଗାୟକ୍ୱାଡ୍‌ଙ୍କୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଓଡିଆଇ ସିରିଜ ପାଇଁ ଟିମ୍ ଇଣ୍ଡିଆ ପାଇଁ ମନୋନୀତ କରାଯାଇଛି। ଫଳସ୍ୱରୂପ, ତାଙ୍କ ସ୍ଥାନରେ ପୃଥ୍ୱୀ ଶ'ଙ୍କୁ ଅଧିନାୟକ ଦାୟିତ୍ୱ ଦିଆଯାଇଛି।

ଆଶ୍ଚର୍ଯ୍ୟଜନକ ଭାବରେ, ମହାରାଷ୍ଟ୍ର କ୍ରିକେଟ ଆସୋସିଏସନ ଏପର୍ଯ୍ୟନ୍ତ ଉପ-ଅଧିନାୟକ ଘୋଷଣା କରିନାହିଁ। ସ୍ପୋର୍ଟଷ୍ଟାରରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ବୋର୍ଡ ଗାୟକ୍ୱାଡ୍‌ଙ୍କ ସ୍ଥାନରେ ପୃଥ୍ୱୀ ଶ'ଙ୍କୁ ଦଳରେ ସାମିଲ କରିବାକୁ ନିଷ୍ପତ୍ତି ନେଇଛି। ଜମ୍ମୁ ଏବଂ କାଶ୍ମୀର ବିପକ୍ଷରେ ମହାରାଷ୍ଟ୍ରର ପ୍ରଥମ ମ୍ୟାଚ୍ ପୂର୍ବରୁ ଆନୁଷ୍ଠାନିକ ଘୋଷଣା କରାଯିବ।

# ଭଞ୍ଜ ଟ୍ରଫି : ଉଦ୍‌ଘାଟନୀ ମ୍ୟାଚ୍‌ରେ ବିହାର ବିଜୟୀ

**ଭଞ୍ଜନଗର**

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଜେଲ୍ ପଡ଼ିଆରେ ସୋମବାରଠାରୁ ଭଞ୍ଜ ଟ୍ରଫି-୨୦୨୫ ସର୍ବ ଭାରତୀୟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍ ଆୟୋଜକ ଭଞ୍ଜନଗର ଫୁଟବଲ ଏକାଡେମୀ ଓ ବକ୍ସର (ବିହାର) କାମାକ୍ଷା ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବିହାର ୨ -୧ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରଥମ ଦଳ ଭାବେ ପହଞ୍ଚିଛି। ଏହି ମ୍ୟାଚ୍‌ର ରେଫରୀ ଶିବ ଶଙ୍କର ପଣ୍ଡା ଥିବାବେଳେ ଲାଇନ୍ସ ମ୍ୟାନ୍ ଦେବବ୍ରତ ବେହେରା, ସୁଜିତ୍ ରାଜହଂସ, ଦିଲ୍ଲୀପ କୁମାର ରାଉତ, ମ୍ୟାଚ କମିଶନର ପି ଆନନ୍ଦ ରାଓ ଓ ପି ରମେଶ ଥିଲେ। ଟୁର୍ନାମେଣ୍ଟରେ ୮ଟି ଟିମ୍ ଭାଗ ନେଇଛି। ସେଗୁଡିକ ହେଲା ଆଜିର ଦୁଇ ଟିମ୍ ସହ କୋରାପୁଟ , ସୁନ୍ଦରଗଡ଼, ସମ୍ବଲପୁର, ଭଞ୍ଜନଗର ମରାଠା ଏକାଦଶ, ଫୁଲବାଣୀ ଓ ହାଇଦ୍ରାବାଦ। ମଙ୍ଗଳବାର କୋରାପୁଟ ବ୍ରଦରସ ଫୁଟବଲ କ୍ଲବକୁ ସୁନ୍ଦରଗଡ଼ ଦୋସ୍ତି ଫୁଟବଲ କ୍ଲବ ଭେଟିବ। ପ୍ରତ୍ୟେକ ଦିନ ଅପରାହ୍ନ ୨ ଟା ୩୦ରେ ଖେଳ ହେଉଛି। ସୋମବାରର ପ୍ରଥମ ମ୍ୟାଚ୍‌ରେ ନାଇଜେରିଆନ ଖେଳାଳିଙ୍କୁ ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଦର୍ଶକମାନେ ଉତ୍ସାହିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌କୁ ଭଞ୍ଜନଗର ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ପ୍ରସାଦ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ମାନସ ଜେନା, ଭାଜପା ରାଜ୍ୟ ପରିଷଦ ସଭ୍ୟା ଭୋଲି ସାହୁ, ଶିବ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କୋଷାଧ୍ୟକ୍ଷ ଗିରିଜା ଶଙ୍କର ଭୂୟାଁ ସଭା ସଂଯୋଜନା କରିଥିଲେ।



# ୧୮ ଦଫା ଦାବି ନେଇ ଡାକ୍ତରଙ୍କ ବିରୋଧ ପ୍ରଦର୍ଶନ କଳା ବ୍ୟାଚ୍ ପିନ୍ଧି କଲେ ରୋଗୀସେବା

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରମାନେ କଳା ବ୍ୟାଚ୍ ପିନ୍ଧି ବିରୋଧ ପ୍ରଦର୍ଶନ କରିଛନ୍ତି। ଗତ ଦେଢ଼ ବର୍ଷ ଧରି ରାଜ୍ୟ ସରକାରଙ୍କୁ ନିଜ ୧୮ ଦଫା ଦାବି ଜଣେଇଥିଲେ ସୁଦ୍ଧା ପୂରଣ ହେଉନାହିଁ। ଏହାକୁ ବିରୋଧ କରି ଡାକ୍ତର ମାନେ ସୋମବାର କଳା ବ୍ୟାଚ ପିନ୍ଧି ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଚିକିତ୍ସା କରିଛନ୍ତି। ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ କେନ୍ଦ୍ରୀୟ ହାରରେ ବେତନ ବୃଦ୍ଧି, ରୋଗୀ ସେବା ବେଳେ ସୁରକ୍ଷା ପ୍ରଦାନ, ନିୟମ ଅନୁସାରେ ଠିକ୍ ସମୟରେ ପ୍ରମୋଶନ୍ ସହିତ ଦନ୍ତ ଚିକିତ୍ସକଙ୍କୁ ପ୍ରବୀଣ ଡାକ୍ତରଙ୍କ ସୂଚୀରେ ସାମିଲ କରିବା ଇତ୍ୟାଦି ରହିଛି। ଆଗକୁ ସରକାର ଦାବି ପୂରଣ ନକଲେ ଡାକ୍ତରମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସେପଟେ ଡାକ୍ତରଙ୍କ ଦାବିଗୁଡ଼ିକୁ ଯୁକ୍ତିଯୁକ୍ତ କହି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବିରୋଧ ପ୍ରଦର୍ଶନରେ ସାମିଲ ହୋଇଥିଲେ। ସରକାର ଅତି ଶିଘ୍ର ଦାବିଗୁଡ଼ିକ ପୂରଣ ବିଷୟରେ ବିଚାର କରିବା ଉଚିତ୍ ବୋଲି ଡାକ୍ତରମାନେ କହିଛନ୍ତି।

**OFFICE OF THE SUPERINTENDING ENGINEER RURALWORKS DIVISION, BALLIGUDA** O-1553

E-mail: rw_balliguda@yahoo.com E-Mail / E-despatch

**NATIONAL COMPETITIVE BIDDING THROUGH e-Procurement**

**Bid Identification No. Online Tender/14-2025-26/BLG**

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 14-2025-26/BLG | Road Works | (05) Nos | Rs. 50.85 Lakhs to Rs. 68.47 Lakhs | "B" Class | 03 (Three) Calendar Month as provided |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Executive Engineer Rural Works, Division, Balliguda | Online Tender/14-2025-26/BLG | 25.11.2025 at 10.00 A.M. | 02.12.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.

(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: - www.tendersodisha.gov.in

Sd/- Executive Engineer
R.W. Division-, Baliguda

# କୁମାରବସ୍ତ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ମକୁନ୍ଦ ପ୍ରସାଦ ଓ ଅଟ୍ରି ବିଜୟୀ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡ଼ିଆ ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ମକୁନ୍ଦ ପ୍ରସାଦ ଦଳ କୁମାରବସ୍ତ ଦଳକୁ ୪ ୱିକେଟରେ ପରାସ୍ତ କରିଛି। କୁମାରବସ୍ତ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ରେ ୧୧୧ ରନ୍ ସଂଗ୍ରହ କରିଥିଲେ। ଜବାବରେ ମକୁନ୍ଦ ପ୍ରସାଦ ଦଳ ୧୪ ଓଭରରେ ଆବଶ୍ୟକ ୧୧୨ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଶ୍ରେଷ୍ଠ ଖେଳାଳି ପଙ୍କଜ ନାୟକଙ୍କୁ ସମାଜସେବୀ ସଂଗ୍ରାମ ରାମଚନ୍ଦ୍ର ଛୋଟରାୟ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ (ନନ ଆଧାର) ଟସ୍‌ରେ ବିଜୟ ଲାଭ କରି ଅଟ୍ରି ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଅଟ୍ରି ଦଳ ନିର୍ଦ୍ଧାରିତ ୨୦ ଓଭରରୁ ସମସ୍ତ ୱିକେଟ ହରାଇ ୧୮୧ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ପ୍ରଦୀପ ରାଉତ ୫୮ ରନ୍ ସଂଗ୍ରହ କରିଥିଲେ। ଜବାବରେ ଭୁବନେଶ୍ୱର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୭୫ ରନ୍‌ରେ ସୀମିତ ରହି ପରାଜିତ ହୋଇଥିଲା। ଦଳ ପକ୍ଷରୁ ରିତିକ ମହାନ୍ତି ୩ ୱିକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ସମାଜସେବୀ ରାମଚନ୍ଦ୍ର ସାମନ୍ତରାୟଙ୍କଠୁ ପୁରସ୍କାର ଗ୍ରହଣ କରିଥିଲେ। ଖେଳଟିକୁ ପରିଚାଳନା କରୁଥିଲେ ସାନୁଜ ବିଶ୍ୱାଳ, ସୋଭାକର ପାତ୍ର ଓ ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ରହିଥିଲେ। ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଟୁଆ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ। କାଜଲ ବଳିୟାର ସିଂ ମ୍ୟାଚ୍ ରେଫରୀ ଦାୟିତ୍ୱ ତୁଲାଇଥିଲେ। ମଙ୍ଗଳବାର ପ୍ରଥମ ମ୍ୟାଚ୍ ଗଙ୍ଗପଡ଼ା ବନାମ ଯଦୁପୁର ଏବଂ ଦ୍ୱିତୀୟ ମ୍ୟାଚ ଢେଙ୍କାନାଳ ବନାମ ମଞ୍ଚେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଦୁର୍ଯ୍ୟୋଧନ ପରିଡ଼ା ଜଣାଇଛନ୍ତି।

# ନିରାପଦ ଟ୍ରେନ ପରିଚାଳନା ପାଇଁ ୪ ରେଳ କର୍ମଚାରୀ ସମ୍ମାନିତ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପରିଚାଳନାଗତ ଉତ୍କର୍ଷତାକୁ ସ୍ୱୀକୃତି ଦେବା ପାଇଁ ଏକ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ, ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ଡିଭିଜନର ରେଳମଣ୍ଡଳର ଅତିରିକ୍ତ ଡିଭିଜନାଲ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି.କେ. ବେହେରା ଏବଂ ଅତିରିକ୍ତ ଡିଭିଜନାଲ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ସୁଭ୍ରଜ୍ୟୋତି ମଣ୍ଡଳ ଚାରି ଜଣ ରେଳ କର୍ମଚାରୀ - ବ୍ରହ୍ମପୁରର ଟ୍ରାକ୍ ରକ୍ଷଣାବେକ୍ଷଣକାରୀ/III ଶ୍ରୀ ଏସ. ଶିବା ଏବଂ ବିନୋଦ ଘଡେଇ; ନୀଳକଣ୍ଠେଶ୍ୱର ଷ୍ଟେସନର ଟ୍ରେନ ପଏଣ୍ଟସମ୍ୟାନ୍ ଲକ୍ଷ୍ମୀକାନ୍ତ ବେହେରା ଏବଂ ମେମୁ ସେଡ୍ / ଖୋର୍ଦ୍ଧା ରୋଡ୍‌ର ଟେକ୍ନିସିଆନ୍-ଓ ହିରେନ କୁମାର ସିଂଙ୍କୁ ସେମାନଙ୍କର ଅସାଧାରଣ ସତର୍କତା ଏବଂ ସମୟୋଚିତ କାର୍ଯ୍ୟ ଦକ୍ଷତା ପାଇଁ ସମ୍ମାନିତ କରିଛନ୍ତି ଯାହା ସୁରକ୍ଷିତ ଏବଂ ଦକ୍ଷ ଟ୍ରେନ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଉଭୟ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ବେହେରା ଏବଂ ଶ୍ରୀ ମଣ୍ଡଳ ରେଳ ସୁରକ୍ଷା ସୁନିଶ୍ଚିତ କରିବାରେ ଟ୍ରାକ୍ ରକ୍ଷଣାବେକ୍ଷଣକାରୀ, ଲୋକୋ ପାଇଲଟ୍, ଟେକ୍ନିସିଆନ୍ ଏବଂ ଷ୍ଟେସନ ଅପରେଟରଙ୍କ ସମେତ ଫ୍ରଣ୍ଟଲାଇନ୍ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିବା ସହିତ ସେମାନଙ୍କର ପ୍ରତିବଦ୍ଧତାର ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିବା ବେଳେ ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ନମୋନାରାୟଣ ମୀନା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଭୁବନେଶ୍ୱର
୨୫ ନଭେମ୍ବର,
ମଙ୍ଗଳବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# କୋଣାର୍କରେ ଘନ କୁହୁଡ଼ି : ଲୁଚିଗଲା ବ୍ଲାକ୍ ପାଗୋଡା



**କୋଣାର୍କ, ୨୪।୧୧**
**ନ୍ୟୁଜ ବ୍ୟୁରୋ**

କୁହୁଡ଼ି ବଳୟରେ ସୂର୍ଯ୍ୟମନ୍ଦିର। ସୋମବାର ପ୍ରତ୍ୟୁଷରୁ ଘନ କୁହୁଡ଼ି କୋଣାର୍କକୁ ଆଚ୍ଛାଦିତ କରି ରଖିଥିଲା। ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର କୁହୁଡ଼ି ବଳୟରେ ଅଦୃଶ୍ୟ ପ୍ରତୀୟମାନ ହୋଇଥିବା ଦେଖିବାକୁ ମିଳିଥିଲା। ଫଳରେ ଦୂର ଦୂରାନ୍ତରୁ ଆସିଥିବା ପର୍ଯ୍ୟଟକମାନେ ସୂକ୍ଷ୍ମ କାରୁକାର୍ଯ୍ୟ ଦେଖିବାରୁ ବଞ୍ଚିତ ହୋଇଥିଲେ। ରାସ୍ତା ଘାଟ ଏକପ୍ରକାର ଶୂନଶାନ ହୋଇପଡିଥିଲା। ଯାନବାହାନ ଚଳାଚଳରେ ବାଧା ଉପୁଜିଥିଲା।

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ବିଦ୍ୟୁତପ୍ରଭା

# 'ନୂଆ ସରକାର ଆସିବାରୁ ରାସନ କାର୍ଡ ପାଇଲୁ, ସୁଭଦ୍ରା ସହାୟତା ବି ପାଇଲୁ'

**ଭୁବନେଶ୍ୱର, ୨୪/୧୧**
**ନ୍ୟୁଜ ବ୍ୟୁରୋ**

ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସରକାର ଗଠନର ପ୍ରଥମ ଦିନରୁ ହିଁ ଲୋକଙ୍କ ସାଙ୍ଗରେ ମିଶିବା, ସେମାନଙ୍କ ସମସ୍ୟା ଶୁଣିବା ଏବଂ ସମାଧାନ ପାଇଁ ଉଦ୍ୟମ କରିବା ହେଉଛି ତାଙ୍କର ଏକ ମୁଖ୍ୟ କାର୍ଯ୍ୟ ଏବଂ ତାଙ୍କ ଶାସନ ପ୍ରଣାଳୀର ମୁଖ୍ୟ ଧାରା। ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ଦୀର୍ଘ ଦିନର ଅଭିଯୋଗ ଶୁଣାଣି ପ୍ରକ୍ରିୟା ପୁନଃସ୍ଥାପିତ ହୋଇଛି ଏବଂ ହଜାର ହଜାର ଲୋକ ତାଙ୍କୁ ପ୍ରତ୍ୟେକ ସୋମବାର ଦିନ ଭେଟି ଅଭିଯୋଗ ଶୁଣାନ୍ତି ଏବଂ ସମାଧାନ ପାଇ ଫେରନ୍ତି। ଅନେକ ଗରିବ, ସାଧାରଣ ଲୋକ ନିରାଶା ମଧ୍ୟରୁ ଆଶାର ଆଲୋକ



ପାଇଥାନ୍ତି। ସେଥିପାଇଁ ଅନେକ ଲୋକ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ ଦେଇଥାନ୍ତି ଏବଂ ମହାପ୍ରଭୁଙ୍କ ପାଖରେ ତାଙ୍କର କଲ୍ୟାଣ କାମନା କରିଥାନ୍ତି। ସୋମବାର ଠିକ୍ ସେହିପରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଆସିଥିଲେ ଭୁବନେଶ୍ୱର ଜୟଦେବ ବିହାରର ବିଦ୍ୟୁତପ୍ରଭା ଷଡଙ୍ଗୀ। ତାଙ୍କର କୌଣସି ସ୍ୱତନ୍ତ୍ର ଅଭିଯୋଗ ନଥିଲା। ସେ ଆସିଥିଲେ କେବଳ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବାପାଇଁ। ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସେ କହିଛନ୍ତି ଯେ, ନୂତନ ସରକାର ଆସିବା ପରେ ଆମେ ନୂଆ ରାସନ କାର୍ଡ ପାଇଲୁ ଏବଂ ସୁଭଦ୍ରା ଯୋଜନାର ସହାୟତା ମଧ୍ୟ ପାଇଲୁ। ଆପଣ ଆମ ପାଇଁ କେବଳ ମୁଖ୍ୟମନ୍ତ୍ରୀ ନୁହନ୍ତି, ଆପଣ ଆମ ପାଇଁ ଜଣେ ମସିହା। ମହାପ୍ରଭୁଙ୍କୁ ପ୍ରାର୍ଥନା କରି ସେ କହିଲେ ଯେ ଆପଣ ପ୍ରତ୍ୟେକ ମସିହାରେ ଆମ ପାଇଁ ଏମିତି ମସିହା ହୋଇ ଆସୁଥାନ୍ତୁ। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଲେ ଯେ, ଆମ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ସମସ୍ତଙ୍କ କଲ୍ୟାଣ ପାଇଁ ସମର୍ପିତ। 'ସବ୍କା ସାଥ୍ ସବ୍କା ବିଶ୍ୱାସ' ହେଉଛି ଆମ ଶାସନର ମନ୍ତ୍ର। ସମସ୍ତଙ୍କ କଲ୍ୟାଣ ଆମର ଲକ୍ଷ୍ୟ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ସମସ୍ତଙ୍କ ସୁଖ ଦୁଃଖ ବୁଝିବା, ଶୁଣିବା ହେଉଛି ଆମର ଧର୍ମ। ଆମେ ସେହି ଧର୍ମକୁ ପାଳନ କରିଚାଲିଛୁ ଓ ଚାଲିବୁ।

## ଉତ୍କଳିକା ଆତିଥ୍ୟ ଉଦ୍‌ଘାଟିତ

# ଓଡ଼ିଶା ହସ୍ତଶିଳ୍ପ ଅସ୍ମିତାର ଗରିମା ବୃଦ୍ଧି ହୋଇପାରିବ : ବୟନଶିଳ୍ପ ମନ୍ତ୍ରୀ

**ଭୁବନେଶ୍ୱର, ୨୪।୧୧ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ଅନ୍ତର୍ଜାତୀୟ ବିଜୁ ପଟ୍ଟନାୟକ ବିମାନ ବନ୍ଦରଠାରେ ଉତ୍କଳିକାର ନୂତନ ବିକ୍ରୟ କେନ୍ଦ୍ର "ଉତ୍କଳିକା ଆତିଥ୍ୟ" ଷ୍ଟୋର ଖୋଲାଯାଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହା ଦ୍ୱାରା ରାଜ୍ୟ ବାହାର ତଥା ଅନ୍ୟ ଦେଶର ପର୍ଯ୍ୟଟକମାନେ ଓଡ଼ିଶାର ପାରମ୍ପରିକ ଉତ୍କୃଷ୍ଟ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର ସ୍ମାରକ ସେମାନଙ୍କ ଘରକୁ ନେଇପାରିବେ। ଫଳରେ ଆମ ବୁଣାକାର ଓ କାରିଗରଙ୍କ ଜୀବନ-ଜୀବିକା ସମୃଦ୍ଧ ହେବା ସହ ଓଡ଼ିଆ ହସ୍ତଶିଳ୍ପ ଅସ୍ମିତାର ଗରିମା ବୃଦ୍ଧି ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି । "ଉତ୍କଳିକା ଆତିଥ୍ୟ" ଉତ୍କଳିକା ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଅଭିନବ ପ୍ରୟାସ। ଆମ ହସ୍ତତନ୍ତ ଓ ହସ୍ତଶିଳ୍ପର ପ୍ରଦର୍ଶନ ସହ ଏବଂ ବିକ୍ରୟ ବୃଦ୍ଧିକୁ ଲକ୍ଷ୍ୟ ରଖି ଏହା ଖୋଲାଯାଇଛି ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର କହିଛନ୍ତି। ଏହା ସହ ପାରମ୍ପରିକ କାରିଗରମାନଙ୍କର ବଜାର ପ୍ରବେଶ ସହ ହସ୍ତଶିଳ୍ପ କାରିଗରୀଙ୍କର ଉନ୍ନତି ହୋଇପାରିବ ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତା, ହସ୍ତଶିଳ୍ପ ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି, ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ଶାସନ ସଚିବ ମଧୁସ୍ମିତା ବେହେରା, ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ, ବ୍ୟକ୍ତିଗତ ସଚିବ ପୀତାମ୍ବର ସାମଲ, ଉତ୍କଳିକା ସଭାପତି ଦେବସ୍ମିତା ସାହୁ, ଉପ-ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ଯୁଗ୍ମ ସଚିବ ତଥା ଉତ୍କଳିକାର ପରିଚାଳନା ନିର୍ଦ୍ଦେଶିକା ମମତା ନାୟକ, ଯୁଗ୍ମ ସଚିବ ତଥା ପରିଚାଳକ କଲ୍ୟାଣୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଓଡ଼ିଆ ହସ୍ତଶିଳ୍ପ କାରିଗରମାନଙ୍କର ସାମଗ୍ରିକ ଉନ୍ନତି ନିମନ୍ତେ ରାଜ୍ୟ ଭିତରେ ୧୨ ଟି ଶାଖା ଥିବା ବେଳେ ରାଜ୍ୟ ବାହାରେ ୬ ଟି ଶାଖା ଖୋଲାଯାଇଛି। ଏହି ସମବାୟ ଅନୁଷ୍ଠାନରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମେତ ୧୧୬ ଟି ପ୍ରାଥମିକ ହସ୍ତଶିଳ୍ପ ସମବାୟ ସମିତି ସଦସ୍ୟ ଅଛନ୍ତି ।

## ଧରିତ୍ରୀ ୟୁଥ କନ୍‌କ୍ଲେଭ-୨୦୨୫

# 'ଜଳବାୟୁ ପରିବର୍ତ୍ତନ ମୁକାବିଲା କ୍ଷେତ୍ରରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ଭୁବନେଶ୍ୱର,୨୪।୧୧ ନ୍ୟୁଜ ବ୍ୟୁରୋ**

ଜଳବାୟୁ ପରିବର୍ତ୍ତନର ମୁକାବିଲା କ୍ଷେତ୍ରରେ ଯୁବପିଢ଼ିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ସେମାନେ କିଭଳି ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରି ଏହି ଅଭିଯାନରେ ସାମିଲ କରିପାରିବେ ସେ ସଂକ୍ରାନ୍ତରେ 'ଧରିତ୍ରୀ' ପକ୍ଷରୁ ପ୍ରତିବର୍ଷ 'ୟୁଥ କନ୍‌କ୍ଲେଭ୍ ବା ଯୁବ ସମ୍ମିଳନୀ' ସ୍ୱସ୍ତି ପ୍ରିମିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଏହି କାର୍ଯ୍ୟକ୍ରମ ୫ମ ସଂସ୍କରଣରେ ପହଞ୍ଚିଥିବାବେଳେ ସୋମବାର ପ୍ରସଙ୍ଗ ରହିଛି 'କ୍ଲାଇମେଟ୍ ଚେଞ୍ଜ: ଫାଇଣ୍ଡିଂ ସଲ୍ୟୁଶନ୍ସ'। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସିଇଓ ଆଦ୍ୟାଶା ସତପଥୀ ଧରିତ୍ରୀ ୟୁଥ କନ୍‌କ୍ଲେଭ୍‌କୁ ଉଦ୍‌ଘାଟନ କରି ଏହାକୁ ତୃଣମୂଳ ସ୍ତରରେ ପରିବେଶବିତ୍‌ଙ୍କ ପାଇଁ ଏକ ପ୍ଲାଟଫର୍ମ ବୋଲି କହିଛନ୍ତି। ସେ ଯୁବ ପରିବେଶବିତ୍‌ମାନଙ୍କୁ ସମର୍ଥନ କରିବା ସହ 'ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ'ର ଭୂମିକା ଉପରେ ଆଲୋକପାତ କରିଛନ୍ତି। ସେହିପରି ଜଳବାୟୁ ପରିବର୍ତ୍ତନର ମୁକାବିଲା କ୍ଷେତ୍ରରେ ଯୁବପିଢ଼ିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଆଲୋଚନାକୁ ସ୍ୱାଗତ କରି କହିଛନ୍ତି, ପରିବେଶ ପାଇଁ ଆମେ କାମ କରୁଛୁ । ପ୍ରତ୍ୟେକ ଲୋକ ଯଦି ଚାହିଁବେ ପରିବେଶ କ୍ଷେତ୍ରରେ ପରିବର୍ତ୍ତନ ଆସିପାରିବ। ଆମେ ସମସ୍ତେ ମରିବା କିଛି ନେବାନି। କିନ୍ତୁ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଚେଷ୍ଟା କରିବା। ଯାହାକି ଆଗାମୀ ପିଢ଼ିକୁ ସାହାଯ୍ୟ କରିବ। ଶ୍ରୀ ସତପଥୀ ଆହୁରି ମଧ୍ୟ କହିଛନ୍ତି, ସବୁଜ ସୁନ୍ଦର ପୃଥିବୀ ନିର୍ମାଣ ପାଇଁ ଆମେ କାମ କରୁଛୁ, ଆଗକୁ ମଧ୍ୟ କାମ କରିବୁ। ଯୁବପିଢ଼ି ପରିବେଶ ପାଇଁ କାର୍ଯ୍ୟ କରିବା ଉଚିତ୍। ଏପରିକି ମୋବାଇଲ ଛାଡ଼ି ଯୁବପିଢ଼ି ଖବରକାଗଜ ପଢ଼ିବା



ଉଚିତ ବୋଲି ସେ କହିଛନ୍ତି। ଶ୍ରୀ ସତପଥୀ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଆଲୋଚନାକୁ ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତର ବ୍ରିଟିଶ ଡେପୁଟି ହାଇକମିଶନର ଡକ୍ଟର ଆଣ୍ଡ୍ର୍ୟୁ ଫ୍ଲେମିଙ୍ଗ, ଡାଉନ ଟୁ ଆର୍ଥ'ର ଏଡିଟର ସୁନୀତା ନାରାୟଣ, ବନ୍ୟପ୍ରାଣୀ ଜୀବବିଜ୍ଞାନୀ ପୂର୍ଣ୍ଣିମା ଦେବୀ ବର୍ମନଙ୍କୁ ସ୍ୱାଗତ କରିଛନ୍ତି। ସ୍ୱତନ୍ତ୍ର ଅତିଥି ଭାବରେ ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତ ପାଇଁ ବ୍ରିଟିଶ ଡେପୁଟି ହାଇକମିଶନର ଡକ୍ଟର ଆଣ୍ଡ୍ର୍ୟୁ ଫ୍ଲେମିଙ୍ଗ୍ ଆଲୋକପାତ କରି କହିଛନ୍ତି ଯେ, ଆଜିର ଯୁବପିଢ଼ି ମାନବ ଇତିହାସର ସବୁଠାରୁ ପ୍ରଭାବଶାଳୀ। ସେ କହିଛନ୍ତି, ଯୁବପିଢ଼ି ଜଳବାୟୁ ପରିବର୍ତ୍ତନର ଚ୍ୟାଲେଞ୍ଜ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ଉତ୍ତରାଧିକାରୀ ହୋଇଥିଲେ ମଧ୍ୟ ଯୁବପିଢ଼ି ନିରନ୍ତର ସ୍ୱଷ୍ଟତା, ଉଦ୍ଦେଶ୍ୟ ଏବଂ କାର୍ଯ୍ୟ ପ୍ରତି ଏକ ଦୃଢ଼ ପ୍ରତିବଦ୍ଧତା ପ୍ରଦର୍ଶନ କରନ୍ତି। ଯାହା ଭବିଷ୍ୟତ ପାଇଁ ଆଶା ପ୍ରଦାନ କରେ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଓଡ଼ିଶା ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅଧିକାଂଶ ଅଞ୍ଚଳ ତୁଳନାରେ ଅଧିକ ତୀବ୍ର ଭାବରେ ଅନୁଭବ କରୁଛି କିନ୍ତୁ ଏହାର ସ୍ଥିରତା ଏବଂ ଅନୁକୂଳନ କ୍ଷମତା ପାଇଁ ବିଶ୍ୱ ସ୍ତରରେ ମଧ୍ୟ ସ୍ୱୀକୃତି ପାଇଛି। ଫ୍ଲେମଙ୍ଗ୍ ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢ଼ିବା ପାଇଁ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ପ୍ରୟାସକୁ ମଧ୍ୟ ପ୍ରଶଂସା କରିଛନ୍ତି। ମୁଖ୍ୟ ଅତିଥି ଡକ୍ଟର ପୂର୍ଣ୍ଣିମା ଦେବୀ ବର୍ମନ ଆସାମର ଜଣେ ଅସାଧାରଣ ଜୀବବିଜ୍ଞାନୀ। ସେ କହିଛନ୍ତି, 'ହାରଗିଲା' (ବୃହତ୍ତର ସାରସ) ଯାହାକୁ ଥରେ ଏକ ଅଶୁଭ ଲକ୍ଷଣ ଭାବରେ ବିବେଚନା କରାଯାଉଥିଲା, ତାହା କଲ୍‌ଚରର ଏକ ଶକ୍ତିଶାଳୀ ପ୍ରତୀକ ପାଲଟିଛି। ତାଙ୍କର ୨୦୦୦୦ ମହିଳାଙ୍କ 'ହାରଗିଲା ଆର୍ମି' ବସା ବାନ୍ଧିବା ଗଛଗୁଡ଼ିକୁ ସୁରକ୍ଷା ଦିଏ, ଆର୍ଦ୍ରଭୂମି ବାସସ୍ଥାନକୁ ପୁନରୁଦ୍ଧାର କରେ ଏବଂ ସଂରକ୍ଷଣକୁ ସାମୁହିକ ଜୀବନରେ ପରିଣତ କରେ ବୋଲି କହିଛନ୍ତି। ଧରିତ୍ରୀ ୟୁଥ କନ୍‌କ୍ଲେଭ୍‌ରେ ୨୦୨୫ରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଯୁବ ପରିବେଶବିତ୍‌ମାନେ ଯୋଗଦେଇଥିଲେ।

ଏଥିରେ ଚଳିତବର୍ଷ ପାଇଁ 'ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ-୨୦୨୫' ପୁରସ୍କାର ଜିତିଛନ୍ତି 'ବିକାଶ ସାଥୀ', ସଂକଳ୍ପ ଅନୁଷ୍ଠାନ, ଦୀପାରାଣୀ ନାୟକ ଏବଂ ବାପି ଗୋଚ୍ଛାୟତ। ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। 'ବିକାଶ ସାଥୀ' ସଂଗଠନ ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ଜଙ୍ଗଲ ଉପରେ ନିର୍ଭରଶୀଳ ସମ୍ପ୍ରଦାୟକୁ ସମର୍ଥନ କରିବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ-୨୦୨୫ ପାଇଛି । କୁଲଡିହା ଅଭୟାରଣ୍ୟରେ ଜଙ୍ଗଲ ନିଆଁ ନିୟନ୍ତ୍ରଣ କରିବାଠାରୁ ଆରମ୍ଭ କରି ପାଙ୍ଗୋଲିନ, ପାରାକିଟ ଏବଂ ୧୫୦୦ରୁ ଅଧିକ ନାଲି କଙ୍କଡ଼ା ଉଦ୍ଧାର କରିବା ପର୍ଯ୍ୟନ୍ତ ଏହାର ଯୁବ ସ୍ୱେଚ୍ଛାସେବୀମାନେ ନେତୃତ୍ୱ ନେଉଛନ୍ତି। ପରିବେଶ ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟ ପାଇଁ 'ସବୁଜ ସଂକଳ୍ପ' ସଂଗଠନକୁ 'ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ-୨୦୨୫' ଆୱାର୍ଡ ମିଳିଛି। ୨୦୧୭ରୁ ଏହା ପୁରୀର ଗୋପ ବ୍ଲକରେ ୧୦୦୦୦ରୁ ଅଧିକ ଗଛ ଲଗାଇଛି, ବନ୍ୟପ୍ରାଣୀ ଅଭିଯାନ ଚଳାଇଛି ଏବଂ ସ୍ୱଚ୍ଛତା ଅଭିଯାନର ନେତୃତ୍ୱ ନେଇଛି। ମାଲକାନଗିରିର ଦୀପା ରାଣୀ ନାୟକ ଚଢ଼େଇ ଏବଂ ଅନ୍ୟାନ୍ୟ ପକ୍ଷୀ ସଂରକ୍ଷଣ, ଗଛ ଲଗାଇବା, ପୁନଃଚକ୍ରଣକୁ ପ୍ରୋତ୍ସାହିତ କରିବା ଏବଂ ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବା ପାଇଁ ଜିଲ୍ଲାର କମ୍ୟୁନିଟିକୁ ପ୍ରେରଣା ଦେବା ପାଇଁ ତାଙ୍କର ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ-୨୦୨୫ ପାଇଛନ୍ତି। ପାରାଦୀପ ଉପକୂଳ ଏବଂ ଆଖପାଖ ଅଞ୍ଚଳକୁ ପ୍ଲାଷ୍ଟିକ୍ ମୁକ୍ତ ରଖିବା ପାଇଁ ତାଙ୍କର ନିରନ୍ତର ପ୍ରୟାସ ପାଇଁ ଇକୋ-କ୍ରୁସେଡର ବାପି ଗୋଚ୍ଛାୟତଙ୍କୁ 'ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ-୨୦୨୫ ମିଳିଛି। ବର୍ଷ ବର୍ଷ ଧରି, ସେ ପାଞ୍ଚ ଟନ୍‌ରୁ ଅଧିକ ପ୍ଲାଷ୍ଟିକ୍ ସଂଗ୍ରହ କରିଛନ୍ତି। ଉପକୂଳକୁ ପରିବର୍ତ୍ତନ କରିଛନ୍ତି ଏବଂ ସ୍ଥାନୀୟ କମ୍ୟୁନିଟିକୁ ଏକ ସ୍ୱଚ୍ଛ, ସବୁଜ ଭବିଷ୍ୟତ ଗ୍ରହଣ କରିବାକୁ ପ୍ରେରଣା ବି ଦେଇଛନ୍ତି।

# ରାସ୍ତାରେ ଫିଙ୍ଗିଦେଇ ପଳାଇଲା ପୁରୁଷ ବନ୍ଧୁ : ଡାକ୍ତରଖାନାରେ ଆଖିବୁଜିଲେ ଛାତ୍ରୀ

**ଖୋର୍ଦ୍ଧା,୨୪/୧୧ ନ୍ୟୁଜ ବ୍ୟୁରୋ**

ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଗତ ରବିବାର ଏକ ସମ୍ବେଦନଶୀଳ ଘଟଣା ଘଟିଛି । ବାଘମାରୀ ଥାନା ଓସ୍ତପୁର ଗ୍ରାମ ନିକଟରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହୋଇଥିବା ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ହେଲେ ନୟାଗଡ଼ ଜିଲ୍ଲା ସୁନାଖଳା ଡିଆଇଇଟି (ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ) କେନ୍ଦ୍ରର ପ୍ରଥମ ବର୍ଷର ଶୁଭଲକ୍ଷ୍ମୀ ଦାସ (୧୮)। ଘର କଟକ ଜିଲ୍ଲା ବାଙ୍କୀ ଥାନା ପଥୁରୀପଡ଼ା ଗ୍ରାମରେ। ଶୁଭଲକ୍ଷ୍ମୀଙ୍କ ମୃତ୍ୟୁ ପଛର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପରିବାର ଲୋକେ ଶୁଭଲକ୍ଷ୍ମୀଙ୍କ ପୁରୁଷବନ୍ଧୁଙ୍କ ଭୂମିକା ଉପରେ ସନ୍ଦେହ କରିଛନ୍ତି । ଏପଟେ ମୃତ୍ୟୁ ପୂର୍ବରୁ ଶୁଭଲକ୍ଷ୍ମୀଙ୍କ ଏକ ଅଡିଓ ଭାଇରାଲ ପରେ ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ବାଘମାରୀ ପୁଲିସ ଘଟଣା ବାଙ୍କୀ ଥାନା ଅଞ୍ଚଳର ହୋଇଥିବାରୁ ବାଙ୍କୀ ଥାନାରେ ଅଭିଯୋଗ କରିବାକୁ ମୃତକଙ୍କ ପରିବାର ଲୋକଙ୍କୁ ପରାମର୍ଶ ଦେଇଛି । ମୃତ ଶୁଭଲକ୍ଷ୍ମୀଙ୍କ ଭିଣୋଇ ମାନସ ଦେହୁରୀ କହିଛନ୍ତି, କଟକ ଜିଲ୍ଲା ବାଙ୍କୀ ଥାନା ପଥୁରୀପଡ଼ା ଗ୍ରାମରେ ତାଙ୍କ ଶ୍ୱଶୁର ଘର। ଶ୍ୱଶୁର ଘର ପରିବାର କହିଲେ ବିଧବା ଶାଶୂ ଏବଂ ୪ ଝିଅ । ତନ୍ମଧ୍ୟରୁ ଶୁଭଲକ୍ଷ୍ମୀ ସାନ ଝିଅ। ଦୁଇ ମାସ ହେବ ଶୁଭଲକ୍ଷ୍ମୀ ସୁନାଖଳା ଡିଆଇଇଟିରେ ପ୍ରଥମ ଶିକ୍ଷାବର୍ଷରେ ନାମ ଲେଖାଇଥିଲେ। ଛାତ୍ରୀନିବାସରେ ରହି ପଢୁଥିଲେ। କିନ୍ତୁ ହଠାତ୍ ରବିବାର ପୂର୍ବାହ୍ଣ ୧୧ଟାରେ ବାଘମାରୀ ଥାନା ଓସ୍ତପୁର ଗ୍ରାମ ନିକଟରେ ଶୁଭଲକ୍ଷ୍ମୀଙ୍କୁ ମୁମୂର୍ଷୁ ଅବସ୍ଥାରେ ବାଇକରେ କେହି ଛାଡ଼ି ଚମ୍ପଟ୍ ମାରିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବଡ଼ସଡ୍ଡୁ ଘଟଣାସ୍ଥଳକୁ ଯାଇଥିଲେ। ବାଇକରେ ଆସିଥିବା ଯୁବକ ଶୁଭଲକ୍ଷ୍ମୀଙ୍କୁ ଛାଡ଼ି ଚମ୍ପଟ୍ ମାରିଥିବା ସେ ସ୍ଥାନୀୟ ଲୋକଙ୍କଠାରୁ ଜାଣିବାକୁ ପାଇଥିଲେ। ପରେ ଏକ ଆମ୍ବୁଲାନ୍ସରେ ଶୁଭଲକ୍ଷ୍ମୀଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଅଣାଯାଇଥିଲା। ମାତ୍ର ଆମ୍ବୁଲାନ୍ସରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ସିମରଠାରୁ ଅନ୍ୟ ଏକ ଆମ୍ବୁଲାନ୍ସରେ ଶୁଭଲକ୍ଷ୍ମୀଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ଶୁଭଲକ୍ଷ୍ମୀଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ମୃତ୍ୟୁ ପୂର୍ବରୁ ଶୁଭଲକ୍ଷ୍ମୀ ତାଙ୍କ ଭିଣୋଇ ମାନସଙ୍କ ଭଣଜାଙ୍କ ସହ ମୋବାଇଲ୍‌ରେ କଥାବାର୍ତ୍ତା ହେବା ଅଡିଓ ଅନେକ ପ୍ରଶ୍ନ ଠିଆ କରିଛି। ଅଡିଓରେ ଶୁଭଲକ୍ଷ୍ମୀ ତାଙ୍କ ପୁରୁଷବନ୍ଧୁଙ୍କ ଘରକୁ ଗତ ଶନିବାର ଯାଇଥିବା ବେଳେ ପୁରୁଷବନ୍ଧୁ ତାଙ୍କ ମା'ସମ୍ମୁଖରେ ମାଡ଼ ମାରିଥିବା କହିଛନ୍ତି। ତେଣୁ ରାଗରେ ଘରୁ ଚାଲିଆସିଥିବା ଏବଂ ଆତ୍ମହତ୍ୟା କରିବେ ବୋଲି କହିଛନ୍ତି। ସେ ଯେଉଁଠାରେ ଅଛନ୍ତି କେହି ଜାଣି ନ ଥିବା କହିବା ସହ ଜଙ୍ଗଲ ମଧ୍ୟରେ ବିଷ ଖାଇଦେଇଥିବା କହିଛନ୍ତି । ଏପଟେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଶୁଭଲକ୍ଷ୍ମୀଙ୍କ ପରିବାର ଲୋକମାନେ ମୃତ୍ୟୁ ପାଇଁ ପୁରୁଷବନ୍ଧୁଙ୍କ ଭୂମିକାକୁ ସନ୍ଦେହ କରିଛନ୍ତି। ସୁନାଖଳା ଡିଆଇଇଟିର ଅଧକ୍ଷ ବିଜୟ କୁମାର ତ୍ରିପାଠୀ ଶନିବାର ସନ୍ଧ୍ୟାରେ ଛୁଟି ଆବେଦନ ଦେଇ ଶୁଭଲକ୍ଷ୍ମୀ ଘରକୁ ଯାଇଥିବା କହିଛନ୍ତି । ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକ ଘଟଣା ବାଙ୍କୀ ଥାନା କୁମୁସର ନୂଆଗାଁ ଅଞ୍ଚଳରେ ଘଟିଥିବାରୁ ବାଙ୍କୀ ଥାନାରେ ଅଭିଯୋଗ କରିବାକୁ ପରିବାର ଲୋକଙ୍କୁ କହିଛନ୍ତି । ବାଙ୍କୀ ଥାନା ଏତଲା ରଖିବାକୁ ଅମଙ୍ଗ ହେଉଥିବା ମୃତକଙ୍କ ପରିବାର ଅଭିଯୋଗ କରିଛନ୍ତି।

# ଆଜିଠୁ ଆରମ୍ଭ ହେବ ଧାନକିଣା : ଖରିଫ୍ ଧାନ ବିକିବାକୁ ୧୯.୬୮ ଲକ୍ଷ ଚାଷୀ ପଞ୍ଜୀକୃତ

**ଭୁବନେଶ୍ୱର ୨୪/୧୧**
**ନ୍ୟୁଜ ବ୍ୟୁରୋ**

ମଙ୍ଗଳବାରଠୁ ରାଜ୍ୟରେ ଆରମ୍ଭ ହେବ ଧାନକିଣା। ବରଗଡ଼ରୁ ମଣ୍ଡିରେ ଧାନ ସଂଗ୍ରହ ଆରମ୍ଭ ହେବ। ଚଳିତବର୍ଷ ଧାନ କିଣା ଟାର୍ଗେଟ ଅଧିକ ରଖିଛନ୍ତି ରାଜ୍ୟ ସରକାର। ଚାଷୀଙ୍କ ପାଇଁ ମଣ୍ଡିଗୁଡିକରେ ଏଥର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଚାଷୀ ପାଇଁ ମଣ୍ଡିଗୁଡ଼ିକରେ ଖାଦ୍ୟ, ପାନୀୟ ଓ ଶୌଚାଳୟ ଭଳି ବ୍ୟବସ୍ଥା ହୋଇଛି। ଧାନ କିଣା ଉପରେ ନଜର ରଖିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କଟନୀଛଟନୀ ଉପରେ ନଜର ରହିବ। ବାହାର ରାଜ୍ୟରୁ କେମିତି ଧାନ ଆସିବ ନାହିଁ, ସେଥିପାଇଁ ଜିଲ୍ଲାପାଳମାନଙ୍କୁ ଧାନ ଦେବାକୁ କୁହାଯାଇଛି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ୨୦୨୪-୨୫ ଖରିଫ୍ ଋତୁରେ ଧାନ ବିକ୍ରି କରିବାକୁ ୧୭.୫୦ ଲକ୍ଷ ଚାଷୀ ପଞ୍ଜୀକରଣ କରିଥିଲେ। ମାତ୍ର ଏ ବର୍ଷ ୨ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିଥିବାରୁ ଏ ବର୍ଷ ଧାନ ସଂଗ୍ରହ ଟାର୍ଗେଟ୍ ବୃଦ୍ଧି କରାଯାଇଛି । ଉଭୟ ଖରିଫ ଓ ରବି ଋତୁ ପାଇଁ ୯୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ଖରିଫ୍ ଋତୁ ପାଇଁ ଖାଦ୍ୟ ଓ କ୍ରୟ ନୀତି ୨୦୨୫-୨୬ ଗତ ଅକ୍ଟୋବରରେ କ୍ୟାବିନେଟ୍ ବୈଠକରେ ଅନୁମୋଦନ ଲାଭ କରିଥିଲା।



ଖରିଫ୍ ଧାନ କିଣା ସମୟ ୨୦୨୫ ନଭେମ୍ବର ୧ରୁ ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ରହିଛି। ଛୋଟ ଚାଷୀ, ପ୍ରକୃତ ଚାଷୀ, ଭାଗ ଚାଷୀମାନଙ୍କଠାରୁ ଧାନ କିଣା ପାଇଁ ବିଶେଷ ଗୁରୁତ୍ୱ ରହିବ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଧାନ କିଣାର ୪୮ ଘଣ୍ଟା ଭିତରେ ଚାଷୀଙ୍କ ଆକାଉଣ୍ଟକୁ ପଠାଯିବ। ଧାନ ସଂଗ୍ରହ ପରିଚାଳନା ନେଇ ମାର୍ଗଦର୍ଶିକା ସମସ୍ତ ଜିଲ୍ଲାପାଳଙ୍କ ନିକଟକୁ ପଠାଯାଇଛି । ଧାନ ଚାଷ ହୋଇଥିବା ଅଞ୍ଚଳ ବାବଦରେ ସାଟେଲାଇଟ୍ ଯାଞ୍ଚ ସମସ୍ତ ଜିଲ୍ଲାରେ କରାଯାଇଛି। ଆଧାରଭିତ୍ତିକ ପ୍ରମାଣ ଜରିଆରେ ଚାଷୀଙ୍କର ଧାନ ସଂଗ୍ରହ ନେଇ ପ୍ରମାଣ କରାଯିବ। ଚାଷୀ ପଞ୍ଜୀକରଣ ପାଇଁ ଇ-କେୱାଇସି ବାଧ୍ୟତାମୂଳକ। ଧାନର ସହାୟକ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ଇନପୁଟ ସହାୟତା ମିଶାଇ ୩୧୦୦ ଟଙ୍କା ରହିଛି। ବିଭିନ୍ନ ଜିଲ୍ଲାରେ ଧାନ ସଂଗ୍ରହ କେଉଁ ତାରିଖରୁ ଆରମ୍ଭ ହେବ, ତାହା ଅମଳ ସ୍ଥିତିକୁ ଦେଖି ଜିଲ୍ଲାସ୍ତରର ଧାନ ସଂଗ୍ରହ କମିଟିରେ ନିଷ୍ପତ୍ତି ନେବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି। ଚାଷୀମାନେ ଦେୟମୁକ୍ତ ନମ୍ବର ୧୯୬୭ରେ ଧାନ କିଣା ବାବଦରେ ବୁଝିବା ସହ ଅଭିଯୋଗ ମଧ୍ୟ କରିପାରିବେ। ଧାନ କିଣା ସମୟରେ ଦୁଇଟି ପାଳିରେ ୩୦ଟି କଲ୍ ସେଣ୍ଟର ଓଡ଼ିଶା ଯୋଗାଣ ନିଗମ ମୁଖ୍ୟାଳୟରେ କାମ କରିବ। ରାଜ୍ୟରେ ୩୧୩୪ଟି ପ୍ରାଥମିକ ସେବା ସମବାୟ ସମିତି (ପାକ୍ସ) ଓ ଲ୍ୟାମ୍ପସ୍ ଧାନ ସଂଗ୍ରହରେ ସାମିଲ ହେବେ । ୧୪୧୯ କଷ୍ଟମ ମିଲର୍ ମଧ୍ୟ ଧାନ ସଂଗ୍ରହ କରିବେ। ମୋଟ ୪୦୮୮ଟି ମଣ୍ଡି, ଏଫସିଆଇ ଏବଂ ଯୋଗାଣ ନିଗମର ୧୬୩ଟି ଗୋଦାମ ଘର ଥିବା ବେଳେ ମୋଟ ୬.୬୮ ଲକ୍ଷ ମେଟ୍ରିକ୍ ଟନ୍ ଭଣ୍ଡାର କ୍ଷମତା ରହିଛି । ସମସ୍ତ ଜିଲ୍ଲାରେ ଚାଷୀ ପଞ୍ଜୀକରଣ କାର୍ଯ୍ୟ ସରିଛି । ଧାନ ସଂଗ୍ରହ କରୁଥିବା ଜିଲ୍ଲାଗୁଡିକୁ ଆସନ୍ତା ୨୫ ତାରିଖ ସୁଦ୍ଧା ଏବଂ ବିଳମ୍ବରେ ଧାନ ସଂଗ୍ରହ କରୁଥିବା ଜିଲ୍ଲାଗୁଡିକୁ ନଭେମ୍ବର ୩୦ ତାରିଖ ସୁଦ୍ଧା କୃଷକଙ୍କ ଜମି ଅନୁସାରେ ଆବଶ୍ୟକ ପ୍ରମାଣୀକୃତ ବ୍ୟବସ୍ଥା ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଧାନ ପରୀକ୍ଷଣ ଯନ୍ତ୍ର ଓ ଏହାର କାର୍ଯ୍ୟକ୍ଷମ ସଂପର୍କିତ ଯାଞ୍ଚ ଯଥେଷ୍ଟ ପୂର୍ବରୁ କରିବାକୁ କୁହାଯାଇଛି । ମଣ୍ଡିରେ ଚବିଶ ଘଣ୍ଟିଆ ସିସିଟିଭି ତଦାରଖ ବ୍ୟବସ୍ଥା ସହ ପାନୀୟ ଜଳ, ଶୌଚାଳୟ, ଆବଶ୍ୟକ ଆଲୋକ, ପିଣ୍ଡି ଉପରେ ଛାତ, ବିଶ୍ରାମ ଗୃହ ଆଦି କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ଧାନ ସଂଗ୍ରହ କମିଟି ବୈଠକରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ, ଅର୍ଥ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର, ସମବାୟ ବିଭାଗ ସଚିବ ରାଜେଶ ପ୍ରଭାକର ପାଟିଲ, ରାଜ୍ୟ ଯୋଗାଣ ନିଗମ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନାଙ୍କ ସମେତ ବିଭିନ୍ନ ବିଭାଗର ସଚିବ, ଭାରତୀୟ ଖାଦ୍ୟ ନିଗମର ପରିଚାଳକ ଏବଂ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଥିଲେ। ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀରେ ଉପସ୍ଥିତ ଥିଲେ।

